ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.264, Bhubaneswar Monday, December 02, 2019 | ୨୨ତମ ବର୍ଷ ସଂଖ୍ୟା-୨୬୪ ଭୁବନେଶ୍ୱର, ସୋମବାର, ଡିସେମ୍ବର ୦୨, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS





## ଅଧ୍ୟାପକ ଦୀପକ ବେହେରାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା

**ଭଦ୍ରକ(ପିଏନ) :** ବିଶିଷ୍ଟ କବି ତଥା ପ୍ରଧାପକ ପବିତ୍ର ମୋହନ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ତଥା ପ୍ରଫେସର ଅଟଳ ବିହାରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ ଅଧ୍ୟାପକ ଦୀପକ ବେହେରାଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ସହପାଠୀ, ସହକର୍ମୀ, ଛାତ୍ର ଓ ଅଭିଭାବକମାନେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ । ସେ ଜଣେ ଛାତ୍ରବତ୍ସଳ, ବନ୍ଧୁପ୍ରେମୀ ବ୍ୟକ୍ତି ଥିଲେ । ରସାୟନ ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ଭଦ୍ରକ ତଥା ଆଖାପାଖ ଅଂଚଳରେ ଅନେକ ଛାତ୍ରଛାତ୍ରୀଙ୍କ ପ୍ରିୟଭାଜନ ହୋଇପାରିଥିଲେ । ଆଖଣ୍ଡମଣି ମହାବିଦ୍ୟାଳୟରେ ରସାୟନ ବିଜ୍ଞାନର ବରିଷ୍ଠ ଅଧ୍ୟାପକ ଭାବରେ ତାଙ୍କର ଯଥେଷ୍ଟ ସୁନାମ ଥିଲା । ଭଦ୍ରକଠାରେ ଡିକେବି'ଏସ୍ କନସେପ୍ଚ୍ୟୁଆଲ କେମେଷ୍ଟ୍ରି ଓ ସାଇବିଜ୍ଞାନ ଏକାଡେମୀ ଅନୁଷ୍ଠାନ ମାଧ୍ୟମରେ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷାଦାନ କରିଆସୁଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଅଜୟ ନାୟକ, ଅବନୀ ପ୍ରଧାନ, ବାଦଲ ସିକ୍‌ଦାର, ନରହରି ପରିଡା, ମହାଦେବ ଜେନା, ଅଧ୍ୟାପିକା ସୁଚିତ୍ରା ପାଣିଗ୍ରାହୀ, ସୌମ୍ୟଶ୍ରୀ ପାଣିଗ୍ରାହୀ, ରାଧାରାଣୀ ମହାପାତ୍ର, ଗୀତା, ଆୟିଶା, ପ୍ରଧାପକ ଡକ୍ଟର ଶୈଳେନ୍ଦ୍ର ମହାପାତ୍ର,



ପ୍ରଧାପକ ଅଶୋକ ଜେନା, ବିକ୍ରମାଦିତ୍ୟ ଜେନା, ଶ୍ରୀନିବାସ ପତି, ଅଶୋକ ମହାନ୍ତି, ଡକ୍ଟର ପ୍ରଭାକର ଦାସ, ପ୍ରଭାକର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ବହଳି,ସକୁନ୍ତଳା ମହାନ୍ତି, ନିରଞ୍ଜନ ମଲ୍ଲିକ, ଅଧ୍ୟାପକ ଭବାନୀପ୍ରସାଦ ପଣ୍ଡା, ସୂର୍ଯ୍ୟ ଦାସ, ସୁରେଶ କର, ସୌମ୍ୟ ପଣ୍ଡା, ଡକ୍ଟର ଫକୀର ଚରଣ ପ୍ରଧାନ, ଅଧ୍ୟାପକ ନିହାର କର,ଅଧ୍ୟାପକ ଲକ୍ଷ୍ମଧର ଦାସ, ସାମ୍ବାଦିକ ଶ୍ରୀକାନ୍ତ ତ୍ରିପାଠୀ, ଅଧ୍ୟାପକ ଅମୂଲ୍ୟ ପରିଡା, ସଂଜୀବ ଦାସ,କୁନି ମହାନ୍ତି, ପ୍ରହଲ୍ଲାଦ ରଣା, ଡକ୍ଟର ରାମଚନ୍ଦ୍ର ରାଉତ, ଡକ୍ଟର ପବିତ୍ରମୋହନ ସାମନ୍ତରାୟ, ଅଧ୍ୟାପକ ତପନ ଜେନା, ରଂଜନ ଦାସ, ଅନିଲ ନାଏକ, ଅମରେଶ ରାଉତ, ଅଧ୍ୟାପକ ନରେନ୍ଦ୍ର ଜେନା ତଥା ଅନେକ ଗଣମାନ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରି ତାଙ୍କର ଅମର ଆତ୍ମାର ସଦଗତି ପ୍ରାର୍ଥନା କରିଥିଲେ । ତାଙ୍କ ଅବର୍ତ୍ତମାନରେ ଧର୍ମପତ୍ନୀ ପୁଷ୍ପମିତ୍ରା, ଏକମାତ୍ର ପୁତ୍ର ସ୍ୱୟଂସମ୍ଭବ, ମା',ଭାଇଭଉଣୀ, ଭିଣୋଇ ତଥା ପରିବାରବର୍ଗଙ୍କୁ ଭଗବାନ ଏହି ଦୁଃଖଦ ସମୟକୁ ଅତିକ୍ରମ କରିବା ପାଇଁ ଯଥେଷ୍ଟ ଶକ୍ତି ପ୍ରଦାନ କରନ୍ତୁ ଏହାହିଁ କାମନା କରିଥିଲେ ।

### କଟକରେ ନାବାଳକ ଟ୍ରାଫିକ ନିୟମ ଉଲ୍ଲଂଘନ କଲା

## ବାପାଙ୍କୁ କରା ଗଲା ଜୋରିମାନା

ଭୁବନେଶ୍ୱର,(ପିଏନ)- କଟକର ମଧୁପାଟଣା ଛକ ନିକଟରେ ଏକ ନାବାଳକ ପୁଅ ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା କାରଣରୁ ତାଙ୍କ ବାପାଙ୍କୁ ପୋଲିସ ପକ୍ଷରୁ ଜୋରିମାନା କରା ଯାଇଥିବା ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ନାବାଳକ ଜଣଙ୍କ ବିନା ହେଲମେଟରେ ଦୁଇ ଚକିଆ ବାହନ ଚଳାଉଥିଲା । ପରିବାର ଲୋକଙ୍କ କହିବା ଅନୁସାରେ ତାଙ୍କ ଘରେ ଅତିଥି ଆସି ଥିବା କାରଣରୁ ସେ ମିଠା ଆଣିବାକୁ ଆସିଥିଲା । ସଂପୃକ୍ତ ନାବାଳକ ଜଣଙ୍କ ବାହନ ଚଳାଉଥିବା ବେଳେ ମୋବାଇଲ ଫୋନରେ ମଧ୍ୟ କଥାବାର୍ତ୍ତା ହେଉଥିଲା । ତେଣୁ ପୋଲିସ ତାଙ୍କ ବାପାଙ୍କୁ ଡାକି ୬ ହଜାର ଟଙ୍କାର ଚାଲାଣ ପ୍ରଦାନ କରି ଥିବା ଜଣା ପଡିଛି ।

ଉଲ୍ଲେଖନୀୟ ଯେ କମିଶନରେଟ ପୋଲିସ ଆଗରୁ ଘୋଷଣା କରିଥିଲା ଯେ ଯଦି ନାବାଳକ ମାନେ ବାହନ ଚଳାଇବେ ତେବେ ତାଙ୍କର ଜୋରିମାନା ତାଙ୍କ ଅଭିଭାବକ ମାନଙ୍କ ଠାରୁ ଆଦାୟ କରା ଯିବ ।

### ଟ୍ରାଫିକ ନିୟମକୁ କଡା କଡି ପାଳନ କରିବା ପାଇଁ ବିଭାଗୀୟ ମନ୍ତ୍ରୀ କଲେ ଅପିଲ

## ତିନି ମାସ ମଧ୍ୟରେ କାଗଜ ପତ୍ର କାମ ସାରନ୍ତୁ

ଭୁବନେଶ୍ୱର, (ପିଏନ)-ଟ୍ରାଫିକ ନିୟମକୁ ସମସ୍ତେ ପାଳନ କରନ୍ତୁ । ଯେଉଁ ମାନଙ୍କର ଆବଶ୍ୟକୀୟ କାଗଜପତ୍ର ନାହିଁ ସେମାନେ ତିନି ମାସ ମଧ୍ୟରେ ସମସ୍ତ କାଗଜ ପତ୍ର ପ୍ରସ୍ତୁତ କରାଇ ନିଅନ୍ତୁ ବୋଲି କହିଛନ୍ତି ରାଜ୍ୟର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା । ଶ୍ରୀ ବେହେରା କହିଛନ୍ତି ଯେ ଆଜି ଠାରୁ ଟ୍ରାଫିକ ନିୟମକୁ କଡା କଡି ଭାବେ ଲାଗୁ କରା ଯାଇଛି । ମଦ ପିଇ ଗାଡି ଚଳାଇବା, ଟ୍ରାଫିକ ନିୟମ ଭାଙ୍ଗିବା, ବିନା ହେଲମେଟ ଓ ସିଟ ବେଲ୍ଟରେ ଗାଡି ଚଳାଇବା ଆଦିକୁ ନେଇ ଧରପକଡ ଆରମ୍ଭ ହୋଇଛି । ତେଣୁ ସମସ୍ତେ ଟ୍ରାଫିକ ନିୟମ ପାଳନ କରନ୍ତୁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଯେଉଁ ଲୋକ ମାନେ ଲାଇସେନ୍ସ, ପ୍ରଦୂଷଣ ପ୍ରମାଣ ପତ୍ର ଆଦି ପାଇ ପାରି ନାହାନ୍ତି ସେମାନେ ତିନି ମାସ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ତିଆରି କରି ନିଅନ୍ତୁ । ଏଥି ପାଇଁ ସରକାର ତିନି ମାସ ସମୟ ପ୍ରଦାନ କରା ଯାଇଛି । ଏ ସମ୍ପର୍କରେ ଲୋକ ମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବା ପାଇଁ ବିଭାଗଓ ତତ୍ପର ରହିଛି ବୋଲି ସେ କହିଛନ୍ତି ।

## ଏଣିକି ପ୍ରବାସୀ ଚାଷୀ ମାନେ ଖରିଫ ଧାନ ବିକ୍ରୀ କରି ପାରିବେ

ଭୁବନେଶ୍ୱର,(ପିଏନ)- ଏଣିକି ପ୍ରବାସୀ ଚାଷୀ ମାନେ ଖରିଫ ଧାନ ବିକ୍ରୀ କରି ପାରିବେ । ଏଥି ନେଇ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ପକ୍ଷରୁ ଜିଲ୍ଲାପାଳ ଓ ସମବାୟ ସମିତିର ନିବନ୍ଧକ ମାନଙ୍କୁ ଚିଠି ଲେଖି ଜଣାଇ ଦିଆ ଯାଇଛି । ବିଭାଗୀୟ ଯୁଗ୍ମ ଶାସନ ସଚିବ ଲେଖିଥିବା ଏହି ଚିଠିରେ ପଂଜୀକୃତ ଚାଷୀ ମାନଙ୍କର ଅନୁପସ୍ଥିତିରେ ସେମାନଙ୍କର ପରିବାରର ମନୋନୀତ ସଭ୍ୟ ମାନଙ୍କ ମାଧ୍ୟମରେ ଧାନ ବିକ୍ରି କରା ଯାଇ ପାରିବ । ସଂପୃକ୍ତ ମନୋନୀତ ସଭ୍ୟ ମାନେ ନିର୍ଦ୍ଧାରିତ ଫର୍ମରେ ଏଥି ପାଇଁ ଆବେଦନ କରି ପାରିବେ । ଅନ୍ୟ ସ୍ଥାନରେ ରହୁଥିବା ଚାଷୀଙ୍କୁ ଧାନ ବିକ୍ରୀ କରିବାକୁ ସୁଯୋଗ ଦେବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରା ଯାଇଛି ।

## ପ୍ରିୟଙ୍କା ରେଡ୍ଡିଙ୍କ ପରିବାରକୁ ନ୍ୟାୟ ଦେବା ଦାବିରେ ଭୁବନେଶ୍ୱର ସମୂହ ତରଫରୁ ବିକ୍ଷୋଭ ପ୍ରଦର୍ଶନ

ଭୁବନେଶ୍ୱର,(ପିଏନ)- ତେଲେଙ୍ଗାନା ରାଜ୍ୟର ଡ଼ାକ୍ତର ପ୍ରିୟଙ୍କା ରେଡ୍ଡି ଗଣଦୁର୍ଷ୍କର୍ମ ଏବଂ ଜଘନ୍ୟ ହତ୍ୟା ଘଟଣାର ପ୍ରତିବାଦ ଏବଂ ପ୍ରିୟଙ୍କାଙ୍କ ପରିବାରକୁ ନ୍ୟାୟ ଦେବା ଦାବୀରେ ଭୁବନେଶ୍ୱର ସମୂହ ତରଫରୁ ମହାତ୍ମା ଗାନ୍ଧୀ ମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଘଟଣାକୁ କଠୋର ଭାବେ ନିନ୍ଦା କରି କୁହାଯାଇଛି ଯେ, ଏହି ବର୍ବର ଏବଂ ପାଶବିକ କାଣ୍ଡ ପାଇଁ ତେଲେଙ୍ଗାନା ସରକାର ନୈତିକ ଦାୟିତ୍ୱ ଗ୍ରହଣ କରୁ, ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରୁ ଏବଂ ଏହିଭଳି ବିଭତ୍ସ ଘଟଣା ନ ହେବା ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରମାନେ ମହିଳାମାନଙ୍କ ନିରାପତା ପାଇଁ ସ୍ୱତନ୍ତ୍ର ଭାବେ ଯୋଜନା ଗ୍ରହଣ କରନ୍ତୁ । ନିକଟରେ ଓଡ଼ିଶାରେ ସ୍ମିତାରାଣୀଙ୍କ ମୃତ୍ୟୁ ଜନିତ ରହସ୍ୟ, ହତ୍ୟା କିମ୍ବା କେଉଁ ପରିସ୍ଥିତିରେ କାହିଁକି ଆତ୍ମହତ୍ୟା, କୁନ୍ଦୁଲି ପୀଡ଼ିତା, ଇତିଶ୍ରୀ ମାମଲା, ବେବିନା ହତ୍ୟା ଇତ୍ୟାଦିରେ ପୀଡ଼ିତାମାନଙ୍କ ପରିବାରକୁ ଅଦ୍ୟାବଧି ନ୍ୟାୟ ମିଳିପାରି ନାହିଁ । କାଟୱା, ଉନା ଗଣଦୁର୍ଷ୍କର୍ମ ଅତି ଗମ୍ଭୀର ପରିସ୍ଥିତିକୁ ଇଙ୍ଗିତ କରୁଛି । ନିର୍ଭୟା ଘଟଣା ପରେ ବର୍ମା କମିଶନ ସୁପାରିଶ ସବୁ କିଛି ଚର୍ଚ୍ଚାରେ ରହିଛି । ବାସ୍ତବ କ୍ଷେତ୍ରରେ ମହିଳାମାନେ ନ୍ୟାୟ ପାଉନାହାଁନ୍ତି, ବରଂ ମହିଳାମାନଙ୍କ ଉପରେ ହିଂସା ଏବଂ ଅପରାଧ ବଢୁଛି । ସମାଜରେ ବସା ବାନ୍ଧିଥିବା ଉଗ୍ର ଅସାମାଜିକ ପରିସ୍ଥିତି ବିରୋଧରେ ସମଗ୍ର ସମାଜ ଲଢିବା ପାଇଁ ପରିସ୍ଥିତିର ଆହ୍ୱାନ । ମାତ୍ର ଦେଶ ଓ ରାଜ୍ୟରେ ସରକାର ଚଳାଉଥିବା ଶାସକ, ପ୍ରଶାସନ ଏବଂ ପୁଲିସ୍ ବ୍ୟବସ୍ଥା ନିଜର ନୈତିକ, ଆଇନ୍‌ଗତ ଏବଂ ସାମ୍ବିଧାନିକ ଦାୟିତ୍ୱକୁ ଏଡ଼ାଇ ଦେଲେ ଚଳିବ ନାହିଁ । ପ୍ରିୟଙ୍କା ଘଟଣାରେ ତେଲେଙ୍ଗାନା ସରକାର ଏବଂ ସ୍ମିତାରାଣୀ ଘଟଣାରେ ଓଡ଼ିଶା ସରକାର ଦେଶବାସୀଙ୍କ ପାଖରେ ଜବାବ ରଖିବା ପାଇଁ ଭୁବନେଶ୍ୱର ସମୂହ ଦାବୀ କରିଛି । ମହିଳାମାନଙ୍କ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କେହି ବି ରାଜନୀତି କରିବା ଉଚିତ୍ ନୁହେଁ । କିନ୍ତୁ ନିର୍ବାଚିତ ସରକାରମାନେ ନିଜର ସାମ୍ବିଧାନିକ ଦାୟିତ୍ୱ ପାଳନ କରିବା ପାଇଁ ଦାବୀ କରାଯାଇଛି ।

ଭୁବନେଶ୍ୱର ସମୂହ ତରଫରୁ ଏହି ବିକ୍ଷୋଭରେ ବିଶିଷ୍ଟ ସମାଜକର୍ମୀ ରାଜନୈତିକ କର୍ମୀ, ମହିଳା ସଂଗଠକ ଏବଂ ସ୍ତମ୍ଭକାରମାନେ ଯୋଗ ଦେଇଥିଲେ । ଦେବ ପ୍ରସାଦ ରାୟ ମହାପାତ୍ର, ସୁଦର୍ଶନ ଦାସ, ସୁଜାତା ସାହାଣୀ, ଅରୁଣ ଦିହୁଡ଼ି, ପ୍ରଦୀପ୍ତ ନାୟକ, ଶାନ୍ତି ମୁର୍ମୁ, ପ୍ରଭାତ ପାଣିଗ୍ରାହୀ, ରାମଚନ୍ଦ୍ର ତ୍ରିପାଠୀ, ସାଲ ମାର୍ଣ୍ଡି, ଜୟଦେବ ନାୟକ, ଚାମ୍ପୁରୁ ସୋରେନ, ଜୟପ୍ରକାଶ ଭଞ୍ଜଦେଓ, ରବୀନ୍ଦ୍ର ଟୁଡ୍ଡୁ, ସୁଶାନ୍ତ ମହାକୁଡ଼, ଶିବ ସୋରେନ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ରହି ପ୍ରତିବାଦରେ ଅଂଶଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଭୁବନେଶ୍ୱର ସମୂହର ଆବାହକ ସୁରେଶ ପାଣିଗ୍ରାହୀ ବିକ୍ଷୋଭକୁ ପରିଚାଳନା କରିଥିଲେ ।

### କୋଣାର୍କ ଉତ୍ସବ-୨୦୧୯ ଉଦ୍‌ଘାଟିତ

## ଶାସ୍ତ୍ରୀୟ ଓଡିଶୀ ଓ କଥକରେ ନୃତ୍ୟମୁଖର କୋଣାର୍କ ମୁକ୍ତାକାଶ ମଞ୍ଚ

ଭୁବନେଶ୍ୱର,(ପିଏନ)-ଅର୍କ କ୍ଷେତ୍ର କୋଣାର୍କର ପାଦଦେଶରେ ଥିବା ଭବ୍ୟ ମୁକ୍ତାକାଶ ମଂଚରେ ପର୍ଯ୍ୟଟନ ବିଭାଗ ଓଡିଶା ଆୟୋଜିତ କୋଣାର୍କ ଉତ୍ସବର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି । ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ସଚିବ ବିଶାଲ କୁମାର ଦେବ୍, ପର୍ଯ୍ୟଟନ ନିର୍ଦ୍ଦେଶକ ସଚ୍ଚିନ୍ ରାମଚନ୍ଦ୍ର ଯାଦବ, ଜିଲ୍ଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ?ଦଲେଇ, ପୁରୀ ଜିଲ୍ଲାପାଳ ବଲୱନ୍ତ ସିଂ ଓ ଆରକ୍ଷୀ ଅଧୀକ୍ଷକ ଉମାଶଙ୍କର ଦାଶ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବରେ ଶୁଭାରମ୍ଭ କରିଥିଲେ । ପରେ ପରେ ଶାସ୍ତ୍ରୀୟ ନୃତ୍ୟକୁ ମଚଂସ୍ଥ କରିଥିଲେ ଓଡିଶୀ ଓ କଥକର ଶିଳ୍ପୀ ।ପ୍ରଥମ ପ୍ରସ୍ତୁତିରେ ସୃଜନର ଶିଳ୍ପୀମାନେ ମଂଚସ୍ଥ କରିଥିଲେ । 'ବନ୍ଦେ ସୂର୍ଯ୍ୟମ୍' । ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ରଚନା ଓ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଶିଳ୍ପୀଗଣ ଆଦିତ୍ୟ ନାରାୟଣଙ୍କ ଅର୍ଚ୍ଚନା କରିବା ପରେ ହଂସଧ୍ୱନୀ ପଲ୍ଲବୀ ଶୁଦ୍ଧ ନୃତ୍ୟକୁ ବାଢି ଦେଇଥିଲେ । ଏହାପରେ



ଶକ୍ତିଙ୍କ ବିବିଧ ସ୍ୱରୂପକୁ ନେଇ ପ୍ରସ୍ତୁତି ହୋଇଥିଲା ଭଗବତୀ ସ୍ତୋତ୍ରମ । ସୃଜନର ଅନ୍ତିମ ପ୍ରସ୍ତୁତିରେ ରହିଥିଲା ବଂକିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ 'ବନ୍ଦେ ମାତରମ୍' । ଦ୍ୱିତୀୟ ଚରଣରେ ସୁପ୍ରସିଦ୍ଧ କଥକ ନୃତ୍ୟଶିଳ୍ପୀ ସମା ଭଟ୍ଟେ 'ସୂର୍ଯ୍ୟ ବନ୍ଦନା' ପ୍ରସ୍ତୁତ କରିଥିବା ବେଳେ ତାଳ-ରୂପକ ଆଧାରିତ ଶୁଦ୍ଧ ନୃତ୍ୟକୁ ବାଢି ଦେଇଥିଲେ । ପରବର୍ତ୍ତି ନିବେଦନରେ କାଳୀୟ ମର୍ଦ୍ଦନ କୁ ଉପସ୍ଥାପନ କରିଥିଲେ କଥକ ନୃତ୍ୟାଙ୍ଗନା । ତିନ୍‌ତାଲ୍ ଆଧାରିତ ଦୃତ୍‌ଲୟ ର ଅଭିନୟ ସହ । ଚତୁରଂଗ ର ଶୁଦ୍ଧରୂପକୁ ନୃତ୍ୟ ଛନ୍ଦରେ ତୋଳି ଧରିଥିଲେ ଶିଳ୍ପୀଗଣ । ଡ. ସାଧନା ଶ୍ରୀବାସ୍ତବ ଓ ଅଧ୍ୟାପକ ଡ. ମୃତ୍ୟୁଂଜୟ ରଥ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିବା ବେଳେ ଡ. ସଂଗୀତା ଗୋସାଇଁ ଓ ପର୍ଯ୍ୟଟନ ଅଧିକାରୀ ଗଣ ପରିଚାଳନାରେ ସହାୟତା କରିଥିଲେ ।

## ହାରିବା ଭୟରେ ବନ୍ଧୁକ ଧରି ଆଦିବାସୀଙ୍କ ହକ୍‌କୁ ଛଡାଇବା ପାଇଁ ଚାହୁଁଛି କଂଗ୍ରେସ : ଧର୍ମେନ୍ଦ୍ର

ରାଂଚି, ଭୁବନେଶ୍ୱର(ପିଏନ)- ହାରିବା ଭୟରେ ବିଜେପିର ପ୍ରତିପକ୍ଷ କଂଗ୍ରେସ ଓ ଜେଏମଏମ ବନ୍ଧୁକ ଧରି ଝାଡଖଣ୍ଡବାସୀଙ୍କ ମନରେ ଭୟ ତିଆରି କରିବାର ମଙ୍ଗ ଧରିଛନ୍ତି । ବନ୍ଧୁକ ଧରି ଆଦିବାସୀଙ୍କ ଅଧିକାରକୁ ଛଡାଇବା ପାଇଁ ଚାହୁଁଛନ୍ତି । ଏମାନେ ଆଦିବାସୀଙ୍କ ସେବା କରିବା ପାଇଁ କ୍ଷମତାକୁ ଆସିବାକୁ ଚାହୁଁନାହାନ୍ତି ବରଂ ଗୋଟିଏ ପରିବାରର ସେବା କରିବା ପାଇଁ କ୍ଷମତା ପ୍ରାପ୍ତ କରିବା ପାଇଁ ଚାହୁଁଛନ୍ତି । କଂଗ୍ରେସ ସରକାର ଝାଡଖଣ୍ଡରେ ଦୁର୍ନୀତି କରି ଜନତାଙ୍କୁ ଲୁଟ କରିବା ସହ କିଛି ଦେଇନାହିଁ ବୋଲି ରବିବାର ଝାଡଖଣ୍ଡର ଓଡିଆ ଭାଷାଭାଷୀ ଅଂଚଳ ମୋନହରପୁର, ଖରସୁଆଁ ଏବଂ ମଜଗାଓଁରେ ଦଳ ପକ୍ଷରୁ ଆୟୋଜିତ ନିର୍ବାଚନ ସଭାରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେପି ପାଇଁ ବୁଲେଟ୍ ନୁହଁ, ବାଲଟର ଲଢେଇ । ଝାଡଖଣ୍ଡରେ ବିର୍ସା ମୁଣ୍ଡା ଗରିବ ତଥା ଆଦିବାସୀଙ୍କ ଅଧିକାର ପାଇଁ ଇଂରେଜ ବିରୋଧରେ ଲଢିଥିଲେ । ଅନ୍ୟପକ୍ଷେ ନକ୍ସଲଙ୍କ ବିରୋଧ ପରେ ମଧ୍ୟ ଝାଡଖଣ୍ଡରେ ଭୋଟଦାନ ଉତ୍ସାହ ଜନକ ରହିଛି । ଗରିବ ଆଦିବାସୀ, ଦଳିତ, ମହିଳା, ଯୁବ ସମୂହ ମାନଙ୍କରେ ଭାରତୀୟ ଜନତା ପାର୍ଟି ପ୍ରତି ଅତୁଟ ଭରସା ରହିଛି । ଅସ୍ଥିର ସରକାର ହେବା ଦ୍ୱାରା ଗରିବଙ୍କ କ୍ଷତି ହୁଏ । ଦେଶକୁ ସ୍ଥିର ସରକାରର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଝାଡଖଣ୍ଡରେ ଲମ୍ବା ସମୟ ଧରି ଅସ୍ଥିର ସରକାର ଥିଲା । କଂଗ୍ରେସ ଶାସନ ସମୟରେ ଦଶନ୍ଧି ଦଶନ୍ଧି ଧରି ଝାଡଖଣ୍ଡରେ ବସବାସ କରୁଥିବା ଗରିବ ଆଦିବାସୀ, ପଛୁଆ ବର୍ଗର ଲୋକଙ୍କ ଟଙ୍କାକୁ ଲୁଟ କରାଯାଉଥିଲା । ମାତ୍ର ମୋଦି ସରକାର ଜନଜାତିଙ୍କ ବିକାଶକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି । ଏତଦବ୍ୟତିତ ଗତ ୫ ବର୍ଷରେ କଂଗ୍ରେସ ସରକାର ଓ ମୋଦି ସରକାରରେ ଝାଡଖଣ୍ଡରେ ହୋଇଥିବା ବିକାଶର ସୂଚନା ପ୍ରଦାନ କରିଥିଲେ ଶ୍ରୀ ପ୍ରଧାନ ।

ସେ କହିଛନ୍ତି ଯେ କଂଗ୍ରେସ ଶାସନ ସମୟରେ ଅର୍ଥ କମିଶନରେ ଝାଡଖଣ୍ଡ ରାଜ୍ୟକୁ ଅନୁଦାନ ଆକାରରେ ମୋଟ ୫୫ ହଜାର ୨୫୩ କୋଟି ଟଙ୍କା ମିଳିଥିଲା । ମାତ୍ର ଦେଶରେ ମୋଦି ସରକାର ହେବା ପରେ ଚତୁର୍ଦ୍ଦଶ ଅର୍ଥ କମିଶନରେ ଝାଡଖଣ୍ଡ ରାଜ୍ୟକୁ ୧



ଲକ୍ଷ ୪୩ ହଜାର ୩୪୫ କୋଟି ଟଙ୍କା ଦିଆଯାଇଛି । ଯେଉଁମାନେ ଝାଡଖଣ୍ଡକୁ ଲୁଟୁଥିଲେ ସେମାନେ ୫୫ ହଜାର ୨୫୩ କୋଟି ଟଙ୍କା ଦେଇଥିଲା ବେଳେ ଏହା ତୁଳନାରେ ମୋଦି ପାଖାପାଖି ୮୮ ହଜାର କୋଟି ଟଙ୍କା ଅଧିକ ଅର୍ଥ ଝାଡଖଣ୍ଡର ସମଗ୍ର ବିକାଶ ପାଇଁ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ୫ ବର୍ଷରେ ବିଜେପି ସରକାରରେ ଝାଡଖଣ୍ଡର ବିକାଶରେ ଅଭୁତପୂର୍ବ ପରିବର୍ତନ ହୋଇଛି । ଗତ ୫ ବର୍ଷରେ ବିଜେପି ସରକାରରେ ଝାଡଖଣ୍ଡରେ ମୁଦ୍ରା ଯୋଜନାରେ ୩୧ ଲକ୍ଷ ଲାଭାର୍ଥୀଙ୍କୁ ୧୨ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ୧ କୋଟି ୨୬ ଲକ୍ଷ ଲୋକଙ୍କର ବ୍ୟାଙ୍କ ଖାତା ଖୋଲାଯାଇଛି । ସେହିପରି ୧୫ ଲକ୍ଷ ଘରକୁ ସୌଭାଗ୍ୟ ଯୋଜନାରେ ବିଜୁଳି ସଂଯୋଗ ଦିଆଯାଇଛି, ୪୦ ଲକ୍ଷ ଶୌଚାଳୟ ନିର୍ମାଣ ହୋଇଛି, ଉଜ୍ଜାଲା ଯୋଜନାରେ ୧ କୋଟି ୩୫ ଲକ୍ଷ ଏଲଇଡି ବଲ୍ ବଂଟାଯାଇଛି, ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ୩୨ ଲକ୍ଷ ଗରିବ ମା ଭଉଣୀଙ୍କ ଘରେ ମାଗଣା ଏଲପିଜି ସଂଯୋଗ ଦିଆଯାଇଛି । ଝାଡଖଣ୍ଡ ସରକାର କିଛି ଘରେ ଦୁଇଟି ଏଲପିଜି ସିଲିଣ୍ଡର ମଧ୍ୟ ଉପଲବ୍ଧ କରାଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଆଦିବାସୀଙ୍କ ବିକାଶ ତଥା ସେମାନଙ୍କର ରୋଜଗାର ବୃଦ୍ଧି ପାଇଁ କେନ୍ଦ୍ର ସରକାର ଖୁବ ବନଜାତ ଦ୍ରବ୍ୟରୁ ପେଟ୍ରୋଲ ଓ ଡିଜେଲ ବାହାର କରିବାର ଯୋଜନା କରିଛନ୍ତି ।ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ଆହ୍ୱାନ କରି କହିଛନ୍ତି ଯେ ଭୟ ଆତଙ୍କ ସୃଷ୍ଟି କରୁଥିବା ସରକାର ଗଢିବା ଦରକାର ନା ବିକାଶ କରୁଥିବା ସରକାର ଦରକାର । ଝାଡଖଣ୍ଡର ଯୁବକଙ୍କ ରୋଜଗାର, ମା ଭଉଣୀଙ୍କ ସୁରକ୍ଷା, ଜନଜାତିଙ୍କ ସ୍ୱାଭିମାନ ପାଇଁ ମୋଦିଙ୍କ ହାତମୁଠାକୁ ଟାଣ କରିବାର ଆବଶ୍ୟକତା ରହିଛି । ତେଣୁ ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଥିଲେ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ଆନ୍ତର୍ଜାତିକ ମାଉଣ୍ଟେନ୍ ଡେ'
- ଗୁରୁ ରଞ୍ଜନେସ୍‌ଙ୍କ ଜନ୍ମ (୧୯୩୧-୧୯୯୦)
- ଭାରତର ତ୍ରୟୋଦଶ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଜନ୍ମ (୧୯୩୫)
- ଚେସ୍ ତାରକା ବିଶ୍ୱନାଥ ଆନନ୍ଦଙ୍କ ଜନ୍ମ (୧୯୬୯)
- କଣ୍ଠଶିଳ୍ପୀ ଅଭିନେତ୍ରୀ ଏମ୍‌ଏସ୍ ଶୁବଲକ୍ଷ୍ମୀଙ୍କ ପରଲୋକ (୧୯୧୬-୨୦୦୪)
- ଭାରତ-ଆମେରିକୀୟ ସିତାର ବାଦକ ରବି ଶଙ୍କରଙ୍କ ପରଲୋକ (୧୯୨୦-୨୦୧୨)

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି । ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାର ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ରୀୟାଙ୍କ ଅଧୁରା ସ୍ୱପ୍ନ



ଓଡ଼ିଆ ସିନେ ଜଗତର ଜଣେ ଲୋକପ୍ରିୟ ହଟ୍ ଆଣ୍ଡ ସେକ୍ସି ହିରୋଇନ୍ ତାଲିକାର ଶୀର୍ଷରେ ଥିବା ରୀୟା ଦେ ଇତିମଧ୍ୟରେ ବେଶ କେତୋଟି ସିନେମାରେ ଅଭିନୟ କରିସାରିଲେଣି। ଇତିମଧ୍ୟରେ ସେ ଓଲିଉଡ୍‌ର ଅଧିକାଂଶ ଟପ୍ ନିର୍ଦ୍ଦେଶକ ଓ ନାମୀ ପ୍ରଯୋଜନା ସଂସ୍ଥାର ଫିଲ୍ମରେ ବି କାମ କରିସାରିଲେଣି। ଖାଲି ସେତିକି ନୁହେଁ ସେ ଓଡ଼ିଆ ଚଳଚ୍ଚିତ୍ରର ଅଧିକାଂଶ ଲୋକପ୍ରିୟ ନାୟକଙ୍କ ବିପକ୍ଷରେ ପରଦାରେ ମଧ୍ୟ ରୋମାନ୍ସ କରିବାର ସୁଯୋଗ ପାଇଛନ୍ତି। ଏବେ ଆପଣମାନେ ପଚାରିବେ, ରୀୟା ଏତେ ସବୁ ସଫଳତା ପାଇବା ସତ୍ତ୍ୱେ ତାଙ୍କର ସ୍ୱପ୍ନ କିପରି ପୂରଣ ହୋଇପାରିନାହିଁ? ରୀୟା ଏକଦା ଏକ ସାକ୍ଷାତକାରରେ କହିଥିଲେ ଯେ ଓଲିଉଡ୍‌ର ନାମୀ ନାୟକ ଅନୁଭବ ମହାନ୍ତିଙ୍କ ନାୟିକା ଭାବେ ପରଦାରେ ଦେଖା ଦେବାକୁ ଚାହାଁନ୍ତି। ହେଲେ ଏହି ଅଭିଳାଷ ତାଙ୍କର ଏଯାବତ୍ ଅପୂରଣୀୟ ହୋଇ ରହିଯାଇଛି। କାରଣ ତାଙ୍କୁ କୌଣସି ନିର୍ମାତା/ନିର୍ଦ୍ଦେଶକ ଅନୁଭବଙ୍କ ସହ ଫିଲ୍ମର ଅଫର୍ କରୁନାହାନ୍ତି। ଏଠାରେ ସୂଚନାଯୋଗ୍ୟ କି ରୀୟା ଇତିମଧ୍ୟରେ ସିଦ୍ଧାନ୍ତ, ଅରିନ୍ଦମ୍, ବାବୁସାନ୍, ସବ୍ୟସାଚୀ, ଆକାଶ ଓ ଅଭିଷେକ ପ୍ରମୁଖଙ୍କ ବିପକ୍ଷରେ ରୂପେଲି ପରଦାରେ ନଜର ଆସିଛନ୍ତି ନାୟିକା ଭାବେ। ଦେଖାଯାଉ, କେବେ ରୀୟାଙ୍କ ଉପରେ ଅନୁଭବଙ୍କର କୌଣସି ନିର୍ମାତା/ନିର୍ଦ୍ଦେଶକଙ୍କର ଶୁଭଦୃଷ୍ଟି ପଡୁଛି। ଯଦ୍ୱାରା ତାଙ୍କର ଏହି ସ୍ୱପ୍ନ ପୂରଣ ହେବ!

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି



ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ଆଦିରତ୍ନ ଦାଦି ସନ୍ଦେଶୀଜୀଙ୍କର ପୂଣ୍ୟ ତିଥି ପାଳିତ

ଭୁବନେଶ୍ୱର, (ପିଏନ) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ମୁଖ୍ୟ ସେବାକେନ୍ଦ୍ର, ଓମ୍ ନିବାସ, ୟୁନିଟ୍-୯, ଭୁବନେଶ୍ୱର ତରଫରୁ ଆଦିରତ୍ନ ଦାଦି ସନ୍ଦେଶୀଜୀଙ୍କର ଦ୍ୱାଦଶ ପୂଣ୍ୟତିଥି ପାଳିତ ହୋଇଯାଇଛି । ହାଇଟେକ୍ ହସ୍ପିଟାଲ୍ ରୋଡସ୍ଥିତ କାମନା ଗ୍ରାମଠାରେ ସେବାକେନ୍ଦ୍ର ତରଫରୁ ନବନିର୍ମିତ ଦାଦି ଉପବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ତା ୦୧.୧୧.୨୦୧୯ରିଖ ଶୁକ୍ରବାର ଦିବା ଘ.୧୦.୩୦ମିନିଟ୍ ସମୟରେ ଆଦିରତ୍ନ ଦାଦି ସନ୍ଦେଶୀଜୀଙ୍କର ଦ୍ୱାଦଶ ପୂଣ୍ୟତିଥି ଉପଲକ୍ଷେ ଭୁବଶ୍ୱେରରେ ବ୍ରହ୍ମାକୁମାରୀ ସଂସ୍ଥାର



ବୀଜବପନ କରିଥିବା ସେହି ପବିତ୍ର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସମେତ ଦାଦି ଉପବନର ଉଦ୍‌ଘାଟନ, ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟଶିବିର, ୧୦୦ଜଣ ବରିଷ୍ଠ ବ୍ରହ୍ମାକୁମାରୀ ଭଉଣୀଙ୍କୁ ସମ୍ମାନ ପ୍ରଦାନ, ଓମ୍ ପ୍ରତିମୂର୍ତ୍ତିର ଉଦ୍‌ଘାଟନ ଓ ଆଧାତ୍ମିକ ପ୍ରବଚନ ଆଦି କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଦୂର ମାଉଣ୍ଟଆବୁରୁ ବ୍ରହ୍ମାକୁମାର ଡା. ବନାରସୀଲାଲ୍ ଭାଇ ଯୋଗଦେଇଥିଲାବେଳେ ମୁଖ୍ୟବକ୍ତା ଭାବେ କୋଲକାତାରୁ ବ୍ରହ୍ମାକୁମାରୀ ଇଷ୍ଟର୍ଣ୍ଣଜୋନର ମୁଖ୍ୟ ରାଜଯୋଗିନୀ ବ୍ରହ୍ମାକୁମାରୀ କାନନ ଦିଦି ପ୍ରମୁଖ ଯୋଗଦେଇ ଦାଦିଜୀଙ୍କ ସ୍ମୃତିଚାରଣ କରିଥିଲେ । ତତ୍‌ସଂଙ୍ଗେସଙ୍ଗେ ରୋଟାରି କ୍ଲବର ଡି.ଜି. ଦେବାଶିଷ ମିଶ୍ର, ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲି, ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ସମ୍ମାନୀୟ ଅତିଥି ରୂପେ ଯୋଗଦାନ କରିଥିଲେ । ଏହି ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫ ହଜାର ଭାଇ ଭଉଣୀ ଯୋଗଦାନ କରିଥିଲେ । ସଂଚାଳିକା ବ୍ରହ୍ମାକୁମାରୀ ଗୀତା ଭଉଣୀଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ସୂଚାରୁ ରୂପେ ଅନୁଷ୍ଠିତ ହୋଇଥିଲା ।

# ବଜାରକୁ ଆସିଲା ଓରିଫ୍ଲେମ୍‌ର ନୂତନ ଏ-ଜେଡ ୱାନ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦

ଭୁବନେଶ୍ୱର :ସୌନ୍ଦର୍ଯ୍ୟର ପରମ୍ପରା ବର୍ତ୍ତମାନ ଅଧିକ ପ୍ରାକୃତିକ ରୂପରେ ଆସିବା ପାଇଁ ଜିଜ୍ଞାସିତ ହେଉଛି । ଜଣକର ପ୍ରାକୃତିକ ତ୍ୱଚା ଅନୁରୂପ ହୋଇଥିବା "ନ୍ୟୁଡ ମେକଅପ" ବର୍ତ୍ତମାନ ସୌନ୍ଦର୍ଯ୍ୟ ଏବଂ ମେକଅପ କ୍ଷେତ୍ରରେ ଅଧିକ ଆଦୃତ ହେଉଛି । ତେଣୁ ବର୍ତ୍ତମାନ ମାର୍କେଟ ଟ୍ରେଣ୍ଡକୁ ଆଖି ଆଗରେ ରଖି ସ୍ୱେଡିସ ପ୍ରତ୍ୟେକ୍ଷ ବିୟୁଟି ବ୍ରାଣ୍ଡ ଓରିଫ୍ଲେମ ପକ୍ଷରୁ ଏହାର ନୂତନ ଏ-ଜେଡ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦ର ଶୁଭାରମ୍ଭ କରାଯାଇଛି । ପ୍ରଗତିଶୀଳ ବିଜ୍ଞାନ ସହିତ ପ୍ରକୃତିର ସର୍ବଶ୍ରେଷ୍ଠ ଉପାଦାନ ଗୁଡ଼ିକରେ ସମୃଦ୍ଧ ଏହି କ୍ରିମ ଏକ ଚେଜମାୟ ତଥା ଉଜ୍ଜ୍ୱଳ ତ୍ୱଚାକୁ ପ୍ରୋତ୍ସାହିତ କରିଥାଏ । ଏଥିରେ ଥିବା କ୍ରିଷ୍ଟାଲ ବ୍ରାଇଟ କମ୍ପ୍ଲେକ୍ସ ତ୍ୱଚାର ଉଜ୍ଜ୍ୱଳତାରେ ସହାୟକ ହେଉଥିବା ବେଳେ ଏହାର ସ୍ୱତନ୍ତ୍ର ସିଲ୍କ କ୍ଷତିକାରୀ ପ୍ରଭାବରୁ ଆପଣଙ୍କ ତ୍ୱଚାକୁ ରକ୍ଷା କରିଥାଏ । ଏହା ବ୍ୟତୀତ ଏହା ଆପଣଙ୍କ ତ୍ୱଚାକୁ ପ୍ରାକୃତିକ କଭରେଜ ମଧ୍ୟ ପ୍ରଦାନ କରିଥାଏ । ଏହି ଶୁଭାରମ୍ଭ ପରିପ୍ରେକ୍ଷୀରେ ଓରିଫ୍ଲେମ୍ ଦକ୍ଷିଣ ଏସିଆ, ମାର୍କେଟିଂ, ବରିଷ୍ଠ ନିର୍ଦ୍ଦେଶକ ଶ୍ରୀ ନବିନ ଆନନ୍ଦ କହିଛନ୍ତି ଯେ "ବର୍ତ୍ତମାନର ଗ୍ରାହକମାନେ ଗୋଟିଏ ଉପାଦରେ ସର୍ବାଧିକ ଲାଭକାରୀ ଗୁଣର ସନ୍ଧାନ କରିଥାନ୍ତି । ସେଥିପାଇଁ ହିଁ ଆମେ ଏହି ଅଭିନବ ୱାନ ଏ-ଜେଡ କ୍ରିମ ହାଇଡ୍ରା ବ୍ରାଇଟ ଏସପିଏଫ ୩୦ ନେଇ ଆସିଛି, ଯାହାକି କେବଳ ଉପଯୁକ୍ତ କଭରେଜ ପ୍ରଦାନ କରିନଥାଏ ବରଂ ତ୍ୱଚାକୁ ହାଇଡ୍ରେଟ ଏବଂ ସୁରକ୍ଷିତ ରଖିଥାଏ ।"

# ବିଜୁ ଯୁବବାହିନୀ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

ଚଣ୍ଡିଖୋଲ, ୦୧/୧୧(ପିଏନ)-ରାଜ୍ୟ ଯୁବକଲ୍ୟାଣ ପରିଷଦ ଓଡ଼ିଶା ଆନୁକୁଲ୍ୟରେ ବଡ଼ଚଣା ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସମ୍ବନ୍ଧିୟ ସଚେତନତା କାର୍ଯ୍ୟକ୍ରମ ରକ୍ଷକ ଅନୁଷ୍ଠିତ ହୋଇଯାଇଛି । ବଡ଼ଚଣା ବିଜୁ ଯୁବବାହିନୀ ସଂଯୋଜକ ଗଣେଶ୍ୱର ବରାଳଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀ ସଦସ୍ୟ ଓ ମହାବିନାୟକ ବିଦ୍ୟାୟନର ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ଯାଇ ୧୬ ନଂ ଜାତୀୟ ରାଜପଥ ବଡ଼ଚଣା ଛକ ଠାରେ ହେଲମେଟ୍ ପିନ୍ଧିଥିବା ବାଇକ୍ ଚାଳକମାନଙ୍କୁ ଗୋଲାପ ଫୁଲ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଏକ ଶୋଭାଯାତ୍ରାରେ ଯାଇ ବଡ଼ଚଣା ପଞ୍ଚାୟତ ସମିତି ଠାରେ ଏକ ସଡ଼କ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବଡ଼ଚଣା ଥାନାଧିକାରୀ ଦୀପକ କୁମାର ଜେନା, ବଡ଼ଚଣା ବି.ଡ଼ି.ଓ. ଅଜୀତ ପ୍ରସାଦ ନାରାୟଣ ଗିରି, ବଡ଼ଚଣା ବ୍ଲକ୍ ଅଧକ୍ଷ ଭାଗ୍ୟଧର ମଳିକ, ଜିଲାପରିଷଦ ସଭ୍ୟା ଅରବିନ୍ଦ ସାମଲ, ସୁମତୀ ବାସ୍କେ, ବିନୋଦିନୀ ସାହୁ, ସରପଞ୍ଚ ନିବେଦିତା ସାହୁ, ଯୁବନେତା ଭବାନୀ ଶଙ୍କର ସାହୁ, ଯତିନ୍ଦ୍ର ନାୟକ, ଏସ. ଆଇ. ସୟଦ ଖାଁ, ଯୁବ ବାହିନୀ ସଭାପତି ଜୟନ୍ତ ରାଉତ, ନବଦୀପ ନାୟକ, ବିପିନ ବିହାରୀ ଜେନା, ପବନେଶ୍ୱର ଜେନା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ଉପରେ ଆଲୋଚନା କରିଥିଲେ ।

# ଦଶିପୁର ପଂଚାୟତରେ କିରୋସିନ ହଡପ କରାଯାଉଥିବା ଉପଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡା (ପିଏନ)- ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ପଂଚାୟତର ଖାଉଟି ହିତାଧିକାରୀମାନେ ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ସେହି ପଂଚାୟତର ଖାଉଟି ଡିଲର ରବିନ୍ଦ୍ର ମଳିକଙ୍କ ନାମରେ ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ତାଙ୍କୁ ନିଲମ୍ବିତ କରି ଗିରିବନ୍ଧର ଡିଲର ପିତାମ୍ବର ବେହେରାଙ୍କୁ ଦଶିପୁର ପଂଚାୟତର ରାସନ ସାମଗ୍ରୀ ବାଂଟିବାକୁ ନିର୍ଦ୍ଦେଶ ଦେଇଥିଲା । ନଦୀପାର ହୋଇ ଦଶିପୁର ଖାଉଟିମାନେ ଗିରିବନ୍ଧ ଯିବାକୁ ଅସୁବିଧା ହେବାରେ ଜିଲ୍ଲାପାଳ ଡିଲର ପିତାମ୍ବର ବେହେରାଙ୍କୁ ଦଶିପୁର ଠାରେ ଖାଉଟିମାନଙ୍କୁ ସାମଗ୍ରୀ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଡିଲର ଶ୍ରୀ ବେହେରା ଦଶିପୁରରେ ନିଜେ ରାସନ ସାମଗ୍ରୀ ନବାଂଟି ନିଲମ୍ବିତ ଡିଲର ରବିନ୍ଦ୍ର ମଳିକଙ୍କ ଦ୍ୱାରା ରାସନ ସାମଗ୍ରୀ ବଂଟନ କାର୍ଯ୍ୟ କରାଉଥିଲେ । ଫଳରେ ନିଲମ୍ବିତ ଡିଲର ଶ୍ରୀ ମଳିକ କିରୋସିନ ହଡପ କରିଥିବା ସହିତ ସରକାରଙ୍କ ପକ୍ଷରୁ ରାସନକାର୍ଡ ଧାରିଙ୍କୁ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଥିବା ବିଦ୍ୟୁତ ବଲବ ପାଇଁ ଖାଉଟିଙ୍କ ଠାରୁ ପ୍ରତ୍ୟେକ ଓ୧୦ଟଙ୍କା କରି ଆଦାୟ କରିଲେ । ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ଡିଲର ଶ୍ରୀ ବେହେରା ଖାଉଟିମାନଙ୍କୁ ହଇରାଣ କରିବା ଉଦେଶ୍ୟରେ ଦଶିପୁର ପଂଚାୟତ ବଦଳରେ ଖଡିଅଂଟା ଗ୍ରାମରେ ରାସନ ସାମଗ୍ରୀ ରଖି ବାଂଟୁଥିବାର ଅଭିଯୋଗ ହୋଇଛି । ସେହି ସ୍ଥାନରୁ ସବୁ ଖାଉଟି ରାସନ ସାମଗ୍ରୀ ଆଣିବା ସମ୍ଭବ ପର ନୁହେଁ । ଏଣୁ ଦଶିପୁର ପଂଚାୟତର ଖାଉଟିମାନଙ୍କ ପକ୍ଷରୁ ବିବେକାନନ୍ଦ ଦାଶ ,ପ୍ରମୋଦ ପଣ୍ଡା,ଅକ୍ଷୟ ସାହୁ ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି ଏହି ସମସ୍ୟାଟିର ଆଶୁ ସମାଧାନ କରିବା ସହ ଦଶିପୁର ପଂଚାୟତର ଖାଉଟିମାନଙ୍କୁ ତିନିମାସର ରାସନ ସାମଗ୍ରୀ ଦଶିପୁର ପଂଚାୟତରେ ଦିଆଯିବାର ସୁବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ । ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଥିବା ଜଣାପଡିଛି ।

# ବ୍ୟବସାୟ ପ୍ରସାର ଲାଗି ସ୍ୱାବଲମ୍ବନ କନେକ୍ଟ କେନ୍ଦ୍ର ସ୍ଥାପନ କରିବାକୁ ସିଡ୍‌ବିର ଯୋଜନା

ଭୁବନେଶ୍ୱର: ଦେଶରେ ବ୍ୟବସାୟ ମନୋବୃତିକୁ ସୁଦୃଢ଼ କରିବା ଲାଗି ଦେଶର ପାଂଚଟି ରାଜ୍ୟରେ ୧୦୦ ସ୍ୱାବଲମ୍ବନ କନେକ୍ଟ କେନ୍ଦ୍ର (ଏସ୍‌ସିକେ) ସ୍ଥାପନ କରିବାକୁ ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ (ସିଡବି) ଆଗେଇ ଆସିଛି । ସିଡ୍‌ବି ମିସନର ସ୍ୱାବଲମ୍ବନ ମାଧ୍ୟମରେ ସମାଜରେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟିକାରୀ ତିଆରି କରିବାକୁ ଲକ୍ଷ୍ୟ ରଖିଅଛି । ଏହି ଅଭିଯାନରେ ଅନ୍ତର୍ଭୁକ୍ତ ହୋଇଥିବା ରାଜ୍ୟଗୁଡ଼ିକ ହେଉଛନ୍ତି ଉତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଓ ତେଲେଙ୍ଗାନା ।ଏହି ୧୦୦ ଏସ୍‌ସିକେ ୭୦୦୦ ନୂତନ ସଂସ୍ଥା ସ୍ଥାପନ କରିବାରେ ସହାୟକ ହେବ ତଥା ପୂର୍ବର ସ୍ଥାପିତ ଜୀବିକା/ସଂସ୍ଥାମାନଙ୍କୁ ଆଗକୁ ବଢ଼ିବା ପାଇଁ ସହାୟତା ପ୍ରଦାନ କରିବ । ଏହି ଅଭିଯାନକୁ ସୁଗମ କରିବା ପାଇଁ ସିଡ୍‌ବି ତରଫରୁ ଲେଟସ୍ ଏଣ୍ଡୋର୍ସ ଡେଭେଲପମେଂଟ୍ ପ୍ରାଇଭେଟ୍ ଲିମିଟେଡ୍ ସହ ଚୁକ୍ତି କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟର ସଚେତନତା ଠାରୁ ଆଗକୁ ଯାଇ ବ୍ୟାବସାୟିକ ସଂସ୍ଥା ସ୍ଥାପନ କରିବା ତଥା ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ସହାୟତା ଦେବା, ଆସୁଥିବା କଲ୍‌କୁ ସୂଚନା ଭିତିକ ଲିଡ୍‌ରେ ପରିଣତ କରିବା, ଉପଯୁକ୍ତ ପରିଚାଳନା ଲାଗି ଅଭାବର ମ୍ୟାପିଂ କରିବା, ଋଣ ପ୍ରାପ୍ତି ସହାୟତା ଇତ୍ୟାଦି ଜରିଆରେ ମିସନ ସ୍ୱାବଲମ୍ବନକୁ ସୁଦୃଢ଼ କରିବା ହେଉଛି ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ ।

ଏହି ଅବସରରେ ଶ୍ରୀ ମହମ୍ମଦ ସୁସ୍ତାଫା, ଆଇଏଏସ୍, ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ସିଡ୍‌ବି କହିଛନ୍ତି ଯେ, "ଏହା ହେଉଛି ଆମର ସିଡବି ଭିଜନ ୨.୦ର ଏକ ଅଂଶ ଯେଉଁଥିରେ ମିସନ ସ୍ୱାବଲମ୍ବନ ହେଉଛି ଏକ ପ୍ରମୁଖ ଅଭିଯାନ । ଏହା ହେଉଛି ସଚେତନତାରୁ ଉପରୁ ଉଠି ବ୍ୟବସାୟିକ ସ୍ୱପ୍ନକୁ ବାସ୍ତବ କରିବା ଦିଗରେ ଏକ ପଦକ୍ଷେପ । ଯୁବପିଢ଼ି ଏବଂ ଅସେବିତ ଓ ଅଳ୍ପସେବିତ କ୍ଷେତ୍ରରେ ପହଂଚି, ସେମାନଙ୍କୁ ନୂତନ ଭାରତ ନିର୍ମାଣ ନିମନ୍ତେ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଛୁ ।''

ସିଡ୍‌ବି ପକ୍ଷରୁ ଏକ ଦେୟମୁକ୍ତ ଟେଲିଫୋନ ସେବା (୧୮୦୦-୨୦୦-୧୨୬୫)ର ଶୁଭାରମ୍ଭ କରାଯାଇଛି ଯେଉଁଥିରେ ଉଦ୍ୟୋଗୀ ହେବାକୁ ଆଶାୟୀ ବ୍ୟକ୍ତିମାନେ ମିସଡ୍ କଲ୍ ଦେଇ ବ୍ୟବସାୟିକ ସଂସ୍ଥା ସ୍ଥାପନ କରିବା ନିମନ୍ତେ ସହାୟତା ହାସଲ କରିପାରିବେ । ଏହି ସେବା ୨୦୧୯ ନଭେମ୍ବର ୧ରୁ ଆରମ୍ଭ କରାଯାଇଛି । କଲ୍ ଯେଉଁ ସ୍ଥାନରୁ ଆସିଛି ସେଠାକାର ପୋଷ୍ଟଲ୍ ଇଣ୍ଡେକ୍ସ ନମ୍ବର (ପିନ୍) ଅନୁସାରେ କଲ୍ ଓ ଲିଡ୍‌କୁ ନିକଟତମ ଏସ୍‌ସିକେକୁ ସ୍ଥାନାନ୍ତର କରାଯିବ । ଯୁବପିଢ଼ି ମଧ୍ୟରେ ବ୍ୟବସାୟିକ ସଂସ୍କୃତିର ପ୍ରସାର କରି, ସେମାନଙ୍କୁ ନିଯୁକ୍ତି ଆଶାୟୀ ନହୋଇ ନିଯୁକ୍ତି ସୃଷ୍ଟିକାରୀ ହେବାକୁ ଅନୁପ୍ରାଣିତ କରାଯାଉଛି । ଏସ୍‌ସିକେର ଡିସ୍‌ପ୍ଲେ ପ୍ୟାନେଲ୍‌ରେ ଉଦ୍ୟମିତା ଉପରେ ପ୍ରେରଣାତ୍ମକ ଓ ଉତ୍ସାହ ପ୍ରଦାନକାରୀ ଭିଡିଓ ଏବଂ ଜିଙ୍ଗଲ୍ ପ୍ରଦର୍ଶିତ ହେବ ।

# ବିଦେଇ ମହାପୁରୁଷଙ୍କ ତିରୋଧାନ ଉତ୍ସବ



ଚଣ୍ଡିଖୋଲ, ୦୧/୧୧(ପିଏନ)- ଭାରତ ବିକାଶ ପରିଷଦ କଟକ ଚଣ୍ଡୀ ଶାଖା ପକ୍ଷରୁ ବସନ୍ତ ବିହାର, ବଉଳା, କଇଥା ପକ୍ଷରୁ ଶ୍ରୀ ଶ୍ରୀ ବିଦେଇ ମହାପୁରୁଷଙ୍କ ତିରୋଧଶନ ଉତ୍ସବ ଶିଶୁ ମେଳା, ସାଧୁ ମେଳା ଓ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନ୍ୟାୟଧିଶ ମନୋରଞ୍ଜନ ମହାନ୍ତି , ସମ୍ମାନୀତ ଅତିଥି ଭାବେ ଅମର ପ୍ରଶାଦ ଶତପଥି ଯୋଗଦେଇ ବିଦେଇ ମହାପୁରୁଷଙ୍କ ଜୀବନୀ ଦର୍ଶନ ଉପରେ ଆଲୋକ ପାତ କରିବା ସହିତ ତାଙ୍କ ନିତୀ ଆଦର୍ଶରେ ଆଜିର ଯୁବ ପିଢୀ ମାନେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ନୂତନ ବିଦେଇ ମହାପରଷଙ୍କ ମନ୍ଦିରର ଦଧିନ ଉତି ସ୍ଥାପନ ହୋଇଥିଲା । ଶ୍ରୀମତୀ ସୁଲୋଚନା ପ୍ରଧାନ, ସୁଜାତା କର, ନିବେଦିତା ପ୍ରଧାନ, ସୁଲୋଚନା ସ୍ୱାଇଁ, ଆଲଭିନା କର, ଶ୍ରୀମତୀ ଦିପ୍ତୀମୟୀ ଦାସ ଓ ଲତିକା ଣାଉତଙ୍କ ଦ୍ୱାରା ଶିଶୁ ମେଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିରକିଶୋର ସ୍ୱାଇଁ, ଯୁବ ନେତା ଅମର ନାୟକ ପ୍ରମୂଖ ଯୋଗ ଦେଇଥିଲେ ।

# ସରପଞ୍ଚ ଉପ-ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ

ଚଣ୍ଡିଖୋଲ, ୦୧/୧୧(ପିଏନ)- ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିକ୍ରମ ତିରଣ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଆଜି ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି । ଆଗାମୀ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସରପଞ୍ଚ ଉପନିର୍ବାଚନ ପାଇଁ ବିଜୁ ଜନତା ଦଳ ପ୍ରାର୍ଥିନୀ ଭାବେ ଜ୍ୟୋସ୍ନାମୟୀ ନାୟକ ଆଜି ନିଜ ସମର୍ଥକ ମାନଙ୍କ ଗହଣରେ ବଡ଼ଚଣା ବ୍ଲକ ଠାରେ ପହଞ୍ଚି ନିର୍ବାଚନ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ନିକଟରେ ନିଜର ୩କିତା ନାମାଙ୍କନ ପତ୍ର ଦାଖଲ କରିଥିଲେ । ପ୍ରକାଶ ଥାଉକି ଗତ ଗ୍ରାମ ପଞ୍ଚାୟତ ନିର୍ବାଚନରେ ବିକ୍ରମ ତିରଣ ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଙ୍କ ବିୟୋଗ ହୋଇଥିଲା । ତେଣୁ ଏଠାରେ ଉପନିର୍ବାଚନ ପାଇଁ ଅବଶ୍ୟକତା ପଡ଼ିଥିଲା । ଏହି ଶୋଭା ଯାତ୍ରାରେ ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଳିକ, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ସଭ୍ୟା ବିନୋଦିନୀ ସାହୁ, ସୁମତୀ ବାସ୍କେ, ବିପିନ ଜେନା, ଗଣେଶ୍ୱର ବରାଳ, ଦିଲିପ ସାମଲ, ଅନନ୍ତ ନାରାୟଣ ଧଳ, ସରପଞ୍ଚ ନିରୁପମା ସ୍ୱାଇଁ, ସମିତି ସଭ୍ୟା ତପସ୍ୱିନୀ ବାରିକ, ଯୋଗେସ ପ୍ରଧାନ, ଶରତ ସାମଲ, ନିରଞ୍ଜନ ସେନାପତି, ସରଶ୍ୱତୀ ବେହେରା, ଗଙ୍ଗାଧର ବାରିକ, ପ୍ରକାଶ ସାମଲ, ସୁବାଷ ନାୟକ, ଉପେନ୍ଦ୍ର ଧଳ, ପ୍ରମୂଖଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ବ୍ଲକରେ ପହଞ୍ଚି ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ ।

# ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

କେନ୍ଦ୍ରାପଡା (ପିଏନ)-ଜିଲ୍ଲା ସ୍ତରୀୟ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଆମେ କିପରି ପ୍ରସ୍ତୁତ ହୋଇ ରହିବା ଓ ତାହାର ସମ୍ମୁଖିନ ହେବା ସେ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ଗୋଷ୍ଠିମାନଙ୍କୁ ସଶକ୍ତ କରି ବିପର୍ଯ୍ୟୟ ସମୟରେ କାର୍ଯ୍ୟରେ ଲଗାଇବା ଉଦ୍ଦେଶ୍ୟ ସମ୍ପର୍କରେ ସଚେତନତା କରାଯାଇଥିଲା । ସେହି ଶୋଭାଯାତ୍ରାକୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ ରାଉତ ପତାକା ଦେଖାଇ ଉଦଘାଟନ କରିଥିଲେ । ପରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲା ଜରୁରୀ ଅଧିକାରୀ ସମ୍ବିତ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ,ଉପଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର,ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.କିଶୋର ଚନ୍ଦ୍ର ଆଚାର୍ଯ୍ୟ,ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୧୯୯୯ ମହା ବାତ୍ୟାର ବିଭିଷିକା ସମ୍ପର୍କରେ ବର୍ଣ୍ଣନା କରି ଆଜି ପର୍ଯ୍ୟନ୍ତ ଓଡିଶାରେ ହୋଇଥିବା ହୁଡହୁଡ,ଫାଇଲିନ ପ୍ରଭୃତି ବାତ୍ୟାର ବିଭିଷିକା ଓ ଜିଲ୍ଲା ତଥା ରାଜ୍ୟ ସରକାରର ପ୍ରତିକାର ବ୍ୟବସ୍ଥା,ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ଦ୍ୱାରା ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟର ସଫଳ ରୂପାୟନ ସମ୍ପର୍କରେ ବର୍ଣ୍ଣନା କରି ଆମେ କେତେ ପ୍ରସ୍ତୁତ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା,ପ୍ରବନ୍ଧ,ଚିତ୍ରାଙ୍କନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବୀତରଣ କରାଯାଇଥିଲା । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାରତ ବାତ୍ୟା ସମୟର ଉଦ୍ଧାର କାର୍ଯ୍ୟର ଫଟୋଚିତ୍ରର ପ୍ରଦର୍ଶନ କରିଥିଲେ । "ଭାରତ"ର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଉଦୟ ନାଥ ବେହେରା,ଆଳିର ମା ସରସ୍ୱତୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ,ଜୟ ଭାରତୀ ସାଥି ସମାଜ,ମହାକାଳପଡାର ରାଜୀବ ଗାନ୍ଧୀ ମେମୋରିଆଲର ପ୍ରତିନିଧି ପ୍ରମୁଖ ଯୋଗଦେଇଥିବା ବେଳେ ସହକାରୀ ଅଗ୍ନିସମ ଅଧିକାରୀ ବିରଭଦ୍ର ଟୁଡୁ,ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ,ବେସାମରିକ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ, ନିରଞ୍ଜନ ସାହୁ,ବିରଜା ପ୍ରସନ୍ନ ପତିଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ,ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେସକ ଚନ୍ଦ୍ରକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଜିଟାଲ୍ ସମୁଦାୟ ନିମନ୍ତେ ଏହି ପାର୍ବଣ ଋତୁକୁ ସ୍ୱତନ୍ତ୍ର କଲା ଟିକ୍‌ଟକ୍ ଦୀପାବଳୀ

ଭୁବନେଶ୍ୱର: ଏହି ପାର୍ବଣ ଋତୁରେ ବିଶ୍ୱର ଅଗ୍ରଣୀ କ୍ଷୁଦ୍ର ଭିଡିଓ ପ୍ଲାଟଫର୍ମ ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ଦୀପାବଳୀ ପାଳନ କରିବା ଓ ସେମାନଙ୍କ ପ୍ରିୟ ଜନଙ୍କୁ ଏହାର ଶୁଭ କାମନା କରିବା ପାଇଁ ଏକ ସୃଜନଶୀଳ ମାର୍ଗ ପ୍ରଦାନ କରିଥିଲା । ଏହାର ବ୍ୟବହାରକାରୀଙ୍କ ଜୀବନର ସ୍ୱତନ୍ତ୍ର ମୂହୂର୍ତ୍ତଗୁଡ଼ିକୁ ଆହୁରି ଆନନ୍ଦମୟ କରିବା ପାଇଁ ଟିକ୍‌ଟକ୍ ଦୀପାବଳୀର ଏକ ଅଂଶ ଭାବରେ ଟିକ୍‌ଟକ୍ ଗୋଆଇବିବୋ ସହିତ ସହଯୋଗିତା କରିଛି, ଯେଉଁଥିରେ ସେ ଆକର୍ଷଣୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରିଥିଲା । ଚଳିତ ବର୍ଷର ୧୯-୨୮ ଅକ୍ଟୋବର ପର୍ଯ୍ୟନ୍ତ ଏହି ୧୦ ଦିନର ଅଭିଯାନରେ ଟିକ୍‌ଟକ୍ ବ୍ୟବହାରକାରୀମାନେ ଟିକ୍‌ଟକ୍ ଦୀପାବଳୀ ବ୍ୟବହାର କରି ୧୧୮ ଲକ୍ଷ ଭିଡିଓ ସୃଷ୍ଟି କରି ସେୟାର କରିଥିଲେ, ଯାହା ଆପ୍‌ରେ ୧୬.୫ ବିଲିୟନରୁ ଉର୍ଦ୍ଧ୍ୱ ଭ୍ୟୁ ହାସଲ କରିପାରିଥିଲା । ଏହି ଐତିହାସିକ ସଫଳତାକୁ ଚିହ୍ନଟ କରିବା ପାଇଁ ଟିକ୍‌ଟକ୍ ବ୍ୟବହାରକାରୀମାନେ ଏକାକୀ ଦୀପାବଳି ଦିନ ୩.୩ ନିୟୁତ ଭିଡିଓ ଅପ୍‌ଲୋଡ଼୍ କରିଥିଲେ ।

ମୋଟ ଉପରେ ଟିକ୍‌ଟକ୍ ଦୀପାବଳି ଅଭିଯାନ ୧୫୦୦ରୁ ଅଧିକ ଲୋକପ୍ରିୟ ସୃଷ୍ଟିକର୍ତ୍ତା ଓ ୫୦ରୁ ଅଧିକ ସିନେ ତାରକା ସୃଷ୍ଟି କରିଛି, ଯେଉଁଥିରେ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ରିତେଶ ଓ ଜେନେଲିଆ ଦେଶମୁଖ, ରଣବିଜୟ ସିଂହ, କପିଲ ଶର୍ମା ପ୍ରମୁଖ ଏହି ପବିତ୍ର ଅବସରରେ ଭିଡିଓ ସେୟାର୍ କରି ଟିକ୍‌ଟକ୍ ବ୍ୟବହାରକାରୀଙ୍କୁ ଦୀପାବଳିର ଶୁଭକାମନା ଜଣାଇଥିଲେ । ଏହି ଅଭିଯାନର ଅଂଶ ଅନୁସାରେ ସବୁଠାରୁ ସୃଜନଶୀଳ ଗ୍ରିଟିଙ୍ଗ୍‌ସ ସୃଷ୍ଟି କରିଥିବା ବ୍ୟବହାରକରୀମାନେ ଗୋକ୍ୟାସ୍+ ପୁରସ୍କାର ପାଇଛନ୍ତି ଏବଂ ସେମାନଙ୍କୁ ଗୋଆଇବିବୋ ଦ୍ୱାରା ଘରୋଇ ଓ ଆନ୍ତର୍ଜାତୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରାଯାଇଛି । ଏହି ସହଯୋଗିତା ୧୫୦ ଲକ୍ଷ ବ୍ୟବହାରକାରୀଙ୍କ ଅଂଶଗ୍ରହଣ ସୃଷ୍ଟି କରିଛି ଓ ୧୫ ଲକ୍ଷ ବ୍ୟବହାରକାରୀ ପୁରସ୍କାର ଭାବରେ ଗୋକ୍ୟାସ+ କୁପନ୍ ପାଇଛନ୍ତି ।

ଅତିରିକ୍ତ ଭାବରେ, ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ନୂଆଦିଲ୍ଲୀର ଆମ୍ବିଏନ୍ସ ମଲ୍ ଓ ବସନ୍ତ କୁଞ୍ଜରେ ବର୍ଦ୍ଧିତ ବାସ୍ତବତା (ଏଆର୍) ପରିଚାଳନା ଅନୁଭୂତି ଜୋନ୍ ପ୍ରସ୍ତୁତ କରି ଏକ ନୂତନ ସୁଯୋଗ ପ୍ରଦାନ କରିଛି, ଯାହା ସେମାନେ ଆଗରୁ କେବେ ପାଇ ନଥିବେ । ଏହି ବୁଥ୍ ଅତ୍ୟନ୍ତ ଲୋକପ୍ରିୟ ହୋଇଛି, ଯେଉଁଠାରେ ବ୍ୟବହାରକାରୀମାନେ ସ୍ୱତନ୍ତ୍ର ଓ ନୂତନ ଗ୍ରିଟିଙ୍ଗ୍‌ସ ତିଆରି କରିବା ନିମନ୍ତେ ହାତ ବଢ଼ାଇଛନ୍ତି । ଟିକ୍‌ଟକ୍ ସହ ଜଡ଼ିତ ହୁଅନ୍ତୁ ଏବଂ ଇନ୍-ଆପ୍ ଅଭିଯାନ ରେ ଯୋଗ ଦେଇ ଏହାର ପ୍ରତିଭାଶୀଳ ଗ୍ରାହକମାନଙ୍କ ସଂପ୍ରସାରିତ ସମୁଦାୟର ଏକ ଅଂଶ ହୁଅନ୍ତୁ ।

# ଜିଲ୍ଲାସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ଉଦ୍‌ଯାପିତ

କେନ୍ଦୁଝର,(ପିଏନ)-ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ତରଫରୁ ଜିଲ୍ଲା ସ୍ତରୀୟ ବ୍ୟାଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝର ଓ ଦ୍ୱିତୀୟ ସ୍ଥାନରେ ଡି.ଏନ୍. ହାଇସ୍କୁଲ ଅଧିକାର କରିଥିଲେ । ଆସନ୍ତା ତା୦୫.୧୧.୨୦୧୯ରିଖ ଦିନ ଜୋନାଲସ୍ତରର ପ୍ରତିଯୋଗିତାରେ ମୟୂରଭଂଜ, ଦେବଗଡ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ବ୍ୟାଣ୍ଡ ପ୍ରତିଯୋଗୀମାନେ ଯୋଗ ଦେବେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ବିଜ୍ଞାନ ପରିଦର୍ଶକ କୃଷ୍ଣଚନ୍ଦ୍ର ମହାନ୍ତ, ଜିଲ୍ଲା ଶାରିରୀକ ନିରୀକ୍ଷକ ସରଦାର ବାରିକ, ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି, ଡି.ଏନ୍. ହାଇସ୍କୁଲର କ୍ରୀଡା ଶିକ୍ଷକ ରଞ୍ଜନ ମହାନ୍ତ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର କୌସ୍ତୁବମଣି ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ । ବିଚାରକ ଭାବରେ ରିଜର୍ଭ ପୋଲିସ ବ୍ୟାଣ୍ଡର ଦିଲ୍ଲୀପ କୁମାର ବାରିକ ଓ ବିଭୀଷଣ ଜୁଆଙ୍ଗ ଯୋଗଦେଇଥିଲେ ।

# ଜିଓଫୋନ ଦୀପାବଳି ଅଫରରେ ରେକର୍ଡ ବିକ୍ରି

ଭୁବନେଶ୍ୱର: ଗ୍ରାମାଚଂଳରେ ପ୍ରବଳ ଚାହିଦା ଓ ଜିଓଫୋନ ଦୀପାବଳି ଅଫରରେ ମାତ୍ର ୬୯୯ ଟଙ୍କାରେ ଏହାର ଅତି ସୁଲଭ ତଥା ସୁବିଧା ସୁଯୋଗରେ ପରିପୂର୍ଣ୍ଣ ଜିଓଫୋନର ରେକର୍ଡ ବିକ୍ରିକୁ ଦୃଷ୍ଟିରେ ରଖି ରିଲାଏନ୍ସ ଜିଓ ପକ୍ଷରୁ ଏହି ସ୍ୱତନ୍ତ୍ର ଉତ୍ସବ ଅଫରର ଅବଧି (ସମୟ)କୁ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ।

ଜିଓଫୋନର ଦଶହରାରୁ ଦୀପାବଳି ଅଫର ଦେଶର ଗ୍ରାମାଚଂଳ ଓ ଦୁର୍ଗମ ଅଂଚଳର ନିୟୁତାଧିକ ୨ଜି ଗ୍ରାହକଙ୍କୁ ଏକ ଡିଜିଟାଲ ଜୀବନକୁ ଗ୍ରହଣ କରିବା ଏବଂ ଏହି ଉତ୍ସବ ଅବସରରେ ଡିଜିଟାଲ ସମୃଦ୍ଧି ହାସଲ କରିବାରେ ସହାୟକ ହୋଇଛି । ଜିଓଫୋନ ଦୀପାବଳି ଅଫରରେ ବିଗତ ତିନି ସପ୍ତାହ ଭିତରେ ଜିଓଫୋନର ରେକର୍ଡ ବିକ୍ରି ହୋଇଛି । ସେଥିପାଇଁ ଜିଓ ତରଫରୁ ଏହି ଅଫରକୁ ଆଉ ଅଧିକ ଏକ ମାସ ଅର୍ଥାତ ନଭେମ୍ବର ଶେଷ ପର୍ଯ୍ୟନ୍ତ ଚାଲୁ ରଖିବାକୁ ନିଷ୍ପତି ନିଆଯାଇଛି । ଏହି ସଂପ୍ରସାରଣ ଜରିଆରେ ଜିଓ ଆଶା କରୁଛି ଯେ ଅନେକ ୨ଜି ଫିଚର ଫୋନ୍ ଗ୍ରାହକ ଜିଓଫୋନ୍ ପ୍ଲାଟଫର୍ମକୁ ଆସିପାରିବେ ଏବଂ ଏହା ଏକକ ସର୍ବବୃହତ ୪ଜି ଡିଭାଇସ ପ୍ଲାଟଫର୍ମର ମାନ୍ୟତା ଜାରି ରଖିବ ।

ଜିଓଫୋନ ଦୀପାବଳି ଅଫର ଜରିଆରେ ଦେଶର ଗ୍ରାମାଂଚଳ ଏବଂ ଆଭ୍ୟନ୍ତରୀଣ ତଥା ଦୁର୍ଗମ ଅଂଚଳରେ ବସବାସ କରୁଥିବା ନିୟୁତାଧିକ ଲୋକ ସୁଲଭ ଟେଲିଫୋନ ସଂଯୋଗ ହାସଲ କରି ଅତ୍ୟନ୍ତ ଉଲ୍ଲସିତ ହୋଇଛନ୍ତି ଯାହା ଏହି ଅଫରକୁ ବ୍ୟାପକ ଭାବରେ ସଫଳ କରିପାରିଛି କାରଣ ସେମାନେ ୪ଜି ଡିଜିଟାଲ ସେବାରେ ଯୋଗ ଦେଇ ଭିଡିଓ କଲିଂ, ଲାଇଭ ମ୍ୟୁଜିକ, ଟିଭି ଏବଂ ମନୋରଂଜନ ଆଦି ବହୁତ କିଛି ସେବାକୁ ଫୋନରେ ଉପଭୋଗ କରିପାରୁଛନ୍ତି । ଜିଓଫୋନର ପ୍ରବଳ ଲୋକପ୍ରିୟତାକୁ ବଳରେ ଜିଓ ପ୍ରତି ମାସରେ ଗ୍ରାମାଚଂଳରେ ନିୟୁତାଧିକ ଗ୍ରାମୀଣ ଗ୍ରାହକଙ୍କୁ ସାମିଲ ଜାରି ରଖିଥବା ବେଳେ ଗ୍ରାହକଙ୍କୁ ସୁଲଭ ସେବା ପ୍ରଦାନ କରିପାରୁନଥିବାରୁ ଅନ୍ୟ ଅପରେଟରମାନେ ନିୟୁତାଧିକ ଗ୍ରାହକ ହରାଉଛନ୍ତି । ଓଡ଼ିଶାର କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଭଳି ଜିଲ୍ଲାର ଦୁର୍ଗମ ଆଦିବାସୀ ଅଂଚଳ ହେଉ କିମ୍ବା ମଧ୍ୟ ପ୍ରଦେଶ, ଛତିଶଗଡ଼ କିମ୍ବା ଝାଡ଼ଖଣ୍ଡର ଅତ୍ୟନ୍ତ ଗ୍ରାମୀଣ ଏବଂ ପାହାଡ଼ିଆ ଅଂଚଳରେ ଜିଓଫୋନର ପ୍ରବଳ ଚାହିଦା ଓ ରେକର୍ଡ ବିକ୍ରି ଦେଖିବାକୁ ମିଳିଛି । ଏହା ଡିଜିଟାଲ ଅନ୍ତର୍ଭୁକ୍ତୀକରଣ ପ୍ରତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପ୍ରଦାନ କରୁଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜିଓଫୋନ ଦୀପାବଳି ଅଫର ଗ୍ରାହକମାନଙ୍କୁ ଲୋକପ୍ରିୟ ତଥା ବ୍ୟାପକ ସୁବିଧା ସୁଯୋଗରେ ପରିପୂର୍ଣ୍ଣ ଜିଓଫୋନକୁ ୬୯୯ ଟଙ୍କା ଭଳି ସ୍ୱଳ୍ପ ମୂଲ୍ୟରେ ପ୍ରଦାନ କରୁଛି ଯାହା ଦ୍ୱାରା ସେମାନେ ଏହି ସ୍ୱତନ୍ତ୍ର ଉତ୍ସବ ଅଫର ଅବଧିରେ ସିଧାସଳଖ ୮୦୦ ଟଙ୍କାର ସଂଚୟ କରୁଛନ୍ତି । ଏହି ଅଫର ଅତିରିକ୍ତ ୭୦୦ ଟଙ୍କାର ଡାଟା ସୁବିଧା ପ୍ରଦାନ କରୁଛି ଫଳରେ ଜିଓଫୋନ ଗ୍ରାହକମାନେ ମନୋରଂଜନ, ପେମେଂଟ, ଇ-କମର୍ସ, ଶିକ୍ଷା, ଶିକ୍ଷଣୀୟ, ଟ୍ରେନ ଓ ବସ ବୁକିଙ୍ଗ ଏବଂ ଆହୁରି ବହୁତ କିଛିର ଏକ ଅଦେଖା ଦୁନିଆରେ ପ୍ରବେଶ କରିପାରୁଛନ୍ତି । ଗ୍ରାହକମାନେ କରୁଥିବା ପ୍ରଥମ ୭ଟି ରିଚାର୍ଜ (୯୯ ଟଙ୍କା ଲେଖାଏଁ ସାତ ଥର) ଉପରେ ଏହି ଅତିରିକ୍ତ ଡାଟା ପ୍ରଦାନ କରାଯାଉଛି ।

# ଉତ୍କୃଷ୍ଟ ବିନିର୍ମାଣରେ ହିରୋ ମୋଟୋକର୍ପ ନୂତନ ବେଂଚମାର୍କ ସେଟ କରିଛି

ଭୁବନେଶ୍ୱର-ବିଶ୍ୱର ବୃହତମ ମଟରସାଇକେଲ ଏବଂ ସ୍କୁଟର ନିର୍ମାଣକାରୀ ହିରୋ ମୋଟୋକର୍ପ ଉତରୀ ଭାରତୀୟ ପର୍ବତ୍ୟ ପ୍ରଦେଶ ଉତରାଖଣ୍ଡ ହରିଦ୍ୱାରରେ ଏହାର ବିନିର୍ମାଣ ସୁବିଧାରେ କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦନରେ ୨୫ମିଲିୟନ ୟୁନିଟ ଅତିକ୍ରମରେ ଅସାଧାରଣ ଗୌରବ ଉପଲବ୍ଧ କରି ଏହାର ପ୍ରଶଂସନୀୟ ଯାତ୍ରାରେ ପୁଣି ଅନ୍ୟ ଏକ ମାଇଲ ଖୁଂଟ ଅତିକ୍ରମ କରିଛି । ଏପ୍ରିଲ ୨୦୦୮ରେ ଚାଲୁ କରାଯାଇଥିବା ବିନିର୍ମାଣ ସୁବିଧା ସଂଚାଳନର କେବଳ ୧୧ ବର୍ଷରେ ଏହି ମାଇଲ ଖୁଂଟ ଉପଲବ୍ଧ କରିଛି ଯାହା ଏକ ଉଦ୍ୟୋଗ ରେକର୍ଡ ଅଟେ । ଦୈନିକ ୯୫୦୦ ଯାନ ଉତ୍ପାଦନ କରିବା କ୍ଷମତା ସହିତ ସଂସ୍ଥାପିତ ହିରୋ ମୋଟୋକର୍ପର ହରିଦ୍ୱାର ସୁବିଧା ମଧ୍ୟ ବିଶ୍ୱର ବୃହତମ ଦୁଇ-ଚକିଆ ବିନିର୍ମାଣ ପ୍ଲାଂଟ ଅଟେ ।

ଏହି ଅବସରରେ କହିବାକୁ ଯାଇ ମିଷ୍ଟର ବିକ୍ରମ କାସେବକର, କାର୍ଯ୍ୟକାରୀ ନିର୍ଦ୍ଦେଶକ (ସଂଚାଳନ) ଏବଂ ମୁଖ୍ୟ ଜ୍ଞାନକୌଶଳ ଅଫିସର, ମୋଟୋକର୍ପ କହିଲେ, "ଏହା କେବଳ ହରିଦ୍ୱାର ବିନିର୍ମାଣ ପ୍ଲାଂଟ ପାଇଁ ହିଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଂଟ ନିହେଁ, ଏହା ସମଗ୍ର ସଂଗଠନ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ମୋଟୋକର୍ପରେ ଆମେ ପାଳନ କରୁଥିବା ବିନିର୍ମାଣ ପ୍ରଥା ସର୍ବଦା ଉଦ୍ୟୋଗରେ ଏକ ନୂତନ ବେଂଚମାର୍କ ସେଟ କରିଥାଏ । ଏହାର ସଂଚାଳନ ଚାଲୁହେବା ପରଠାରୁ ଏତେ କମ୍ ସମୟ ମଧ୍ୟରେ ଆମର ହରିଦ୍ୱାର ପ୍ଲାଂଟରେ ୨୫ମିଲିୟନ ଦୁଇ-ଚକିଆର ଉତ୍ପାଦନ ଟିମ ର ସମର୍ପଣ ଏବଂ ସକ୍ଷମତାର ସାକ୍ଷ୍ୟ ବହନ କରିଥାଏ । ଆମର ସମସ୍ତ ମୂଲ୍ୟବାନ ଗ୍ରାହକ, ଅଂଶିଦାର, ନିବେଶକ, ଉତରାଖଣ୍ଡ ରାଜ୍ୟ ସରକାର ଏବଂ ସମସ୍ତ ହିତଧାରକମାନଙ୍କର ଆମ ପ୍ରତି ନିରନ୍ତର ସମର୍ଥନ ଏବଂ ବିଶ୍ୱାସ ପାଇଁ ଆମେ ସେମାନଙ୍କ ପାଖରେ କୃତଜ୍ଞ ଅଟୁ ।"

ନିରନ୍ତରତା ଏପରେ ହିରୋ ମୋଟୋକର୍ପର ଧ୍ୟାନ କେନ୍ଦ୍ରିତ ରଖି ହରିଦ୍ୱାର ବିନିର୍ମାଣ ସୁବିଧାରେ ୪୫୦୦ ବର୍ଗ ମିଟର ବ୍ୟାପ୍ତ ବିଶ୍ୱର ବୃହତମ ସବୁଜ-ଛାତ କରାଯାଇଛି । ୧.୯୫ ମେଗା ୱାଟର ସୌର ଶକ୍ତି ପ୍ଲାଂଟ ଉତ୍ପନ୍ନ କରିଥାଏ, ତରଳ ନିର୍ଗମନ ଶୂନ୍ୟ ଏବଂ ବର୍ଷା ପାଣି ଅମଳ କରିବାକୁ ଏକ ହ୍ରଦ ରହିଛି ।




# କର୍କଟ ବ୍ୟାଧିର ନିଆଁ ଓ ଧୂଆଁ



ଭୁବନେଶ୍ୱର (ପିଏନ୍): ବିଶ୍ୱରେ ୮୦ ଲକ୍ଷରୁ ଅଧିକ ଲୋକ ପ୍ରତି ବର୍ଷ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି। ୟୁନିୟନ ଫର ଇଣ୍ଟରନ୍ୟାସନାଲ କ୍ୟାନ୍ସର କଣ୍ଟ୍ରୋଲ ଦ୍ୱାରା ବିଶ୍ୱ କର୍କଟ ସଚେତନତା ଦିବସ ପ୍ରତିଷ୍ଠା ହୋଇଥିଲା। ୨୦୨୦ ସୁଦ୍ଧା କର୍କଟ ଜନିତ ମୃତ୍ୟୁ ଓ ପୀଡ଼ିତଙ୍କ ସଂଖ୍ୟା ହ୍ରାସ କରିବା ଏହି ଦିବସର ମୂଳ ଉଦ୍ଦେଶ୍ୟ। ଏ ଅବସରରେ କର୍କଟ ଆକ୍ରାନ୍ତଙ୍କ ସମର୍ଥନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଏ। କର୍କଟ ରୋଗ ଚିହ୍ନଟ ପରେ ତା ସହ ଲଢ଼ିବା ପାଇଁ ସେମିନାର, କ୍ୟାମ୍ପେନ୍, ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଏ। ସମଗ୍ର ବିଶ୍ୱରେ ପ୍ରତିବର୍ଷ ବୟାଅଶୀ ଲକ୍ଷ ଲୋକ କର୍କଟ ରୋଗରେ ମୃତ୍ୟୁ ବରଣ କରିଥାନ୍ତି ଓ ଏଥି ମଧ୍ୟରୁ ଚାଳିଶ ଲକ୍ଷ ଲୋକ ଅଳ୍ପ ବୟସରେ (୩୦ରୁ ୪୦ବର୍ଷ) ପ୍ରାଣ ହରାଇଥାନ୍ତି। କର୍କଟ ରୋଗର ନିର୍ଣ୍ଣୟ, ଚିକିତ୍ସା, ନିରାକରଣ, ସଚେତନତା ଓ ଗବେଷଣା ନିମିତ୍ତ ୪ ଫେବୃଆରୀକୁ ବିଶ୍ୱର ସର୍ବତ୍ର କର୍କଟ ଦିବସ ରୂପେ ପାଳନ କରିବା ପାଇଁ ୨୦୦୦ ମସିହା ପ୍ୟାରିସ୍ ସମ୍ମିଳନୀରେ ବିଶ୍ୱ କର୍କଟ ସଙ୍ଗଠନ ସିଦ୍ଧାନ୍ତ ନେଇଥିଲା ଓ ୨୦୨୦ ମସିହା ସୁଦ୍ଧା ସମଗ୍ର ବିଶ୍ୱରେ କ୍ୟାନସର ରୋଗକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ଏହି ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ରୂପେ ଧାର୍ଯ୍ୟ କରାଯାଇଅଛି। ବିଭିନ୍ନ ପ୍ରକାର (ଏକଶତ) କର୍କଟ ବ୍ୟାଧି ମନୁଷ୍ୟକୁ ଆକ୍ରାନ୍ତ କରେ। ଦେଶ, ଜାତି, ବର୍ଣ୍ଣ ଓ ବୟସର ସମସ୍ତ ସୀମାକୁ ଅତିକ୍ରମ କରି ଏହି ବ୍ୟାଧି ସମଗ୍ର ମନୁଷ୍ୟ ସମାଜ ପାଇଁ ମୃତ୍ୟୁର ଏକ ଭୟାବହ ବିଭୀଷିକା ରଚନା କରିଅଛି। ପୁରୁଷମାନେ ସାଧାରଣତଃ ଫୁସ୍‌ଫୁସ୍ କ୍ୟାନସର, ପ୍ରୋଷ୍ଟେଟ୍ କ୍ୟାନସର, ବୃହଦାନ୍ତ୍ର କ୍ୟାନସର ଓ ପାକସ୍ଥଳୀ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି। ମହିଳାମାନେ ସ୍ତନ କ୍ୟାନସର, ବୃହଦାନ୍ତ୍ର କ୍ୟାନସର, ପିତ୍ତକୋଷ କ୍ୟାନସର, ଜନନେନ୍ଦ୍ରିୟ କ୍ୟାନସର ଓ ଫୁସ୍‌ଫୁସ୍ କ୍ୟାନସରରେ ଆକ୍ରାନ୍ତ ହୁଅନ୍ତି। ପିଲାମାନେ ସାଧାରଣତଃ ରକ୍ତ କ୍ୟାନସର, ମସ୍ତିଷ୍କ ଟ୍ୟୁମର ଓ ଲିମ୍ଫୋମାରେ ଆକ୍ରାନ୍ତ ହୁଅନ୍ତି। ଚର୍ମ କ୍ୟାନସର ସଂଖ୍ୟା ମଧ୍ୟ ଧୀରେ ଧୀରେ ବୃଦ୍ଧି ପାଉଛି। ବୟସର ବୃଦ୍ଧି ସଙ୍ଗେ ସଙ୍ଗେ କ୍ୟାନସର ରୋଗୀଙ୍କର ସଂଖ୍ୟା ମଧ୍ୟ ବଢ଼ିଥାଏ। ପରିବେଶ ପ୍ରଦୂଷଣ ହିଁ କ୍ୟାନସର ରୋଗର ମୁଖ୍ୟ କାରଣ (୯୦ରୁ ୯୫%)। ୫ରୁ ୧୦% କର୍କଟ ରୋଗ ବାପା ମାଆଙ୍କ ପାଖରୁ ପିଲାମାନଙ୍କୁ ଆସିଥାଏ। ଧୂମପାନ (୨୫-୩୦%), ଅତ୍ୟଧିକ ଖାଦ୍ୟ ଖାଇବା ଓ ମୋଟା ହେବା (୩୦-୩୫%), ସଂକ୍ରମଣ (୧୫-୨୦%), ଆଣବିକ ବିକୀରଣ (୧୦%), ମଦ୍ୟପାନ (୧୦%), ଶାରୀରିକ ପରିଶ୍ରମ ନକରିବା, ଇତ୍ୟାଦି କ୍ୟାନସର ରୋଗର ମୁଖ୍ୟ କାରଣ। ଧୂମପାନ ଫୁସ୍‌ଫୁସ୍ କ୍ୟାନସରର ମୁଖ୍ୟ କାରଣ (୯୦%)। ଏହାବାଦ୍ ସ୍ୱରଯନ୍ତ୍ର କ୍ୟାନସର, ପାକସ୍ଥଳୀ କ୍ୟାନସର, ପରିସ୍ରାଥଳି କ୍ୟାନସର, ବୃକକ୍ କ୍ୟାନସର, ଖାଦ୍ୟନଳୀ କ୍ୟାନସର ଓ ଅଗ୍ନ୍ୟାଶୟ କ୍ୟାନସର ମଧ୍ୟ ଧୂମପାନ ଯୋଗୁଁ ହୋଇଥାଏ। ଧୂମପାନରେ ୫୦ ପ୍ରକାରର ଉପାଦାନ ଅଛି ଯାହା କ୍ୟାନସର ସୃଷ୍ଟିର କାରଣ। ଏହାଭିତରୁ ନାଇଟ୍ରୋସାମିନ୍ ଓ ପଲିସାଇକ୍ଲିକ୍ ଏରୋମାଟିକ୍ ହାଇଡ୍ରୋକାର୍ବନ ମୁଖ୍ୟ। ମଦ୍ୟପାନ କ୍ୟାନସର ରୋଗର ଅନ୍ୟ ଏକ କାରଣ। ମୁଖ୍ୟତଃ ଏହା ଯକୃତ କ୍ୟାନସର ଓ ଖାଦ୍ୟନଳୀ କ୍ୟାନସର କରିଥାଏ। କଳକାରଖାନା ମାନଙ୍କରେ କାମ କରୁଥିବା ସହସ୍ରାଧିକ ବ୍ୟକ୍ତି କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି (୨-୨୦%)। ପ୍ରତିବର୍ଷ ଦୁଇ ଲକ୍ଷ ବ୍ୟକ୍ତି କଳକାରଖାନା ପ୍ରଦୂଷଣ ଯୋଗୁଁ କର୍ମସ୍ଥଳୀରେ କ୍ୟାନସର ରୋଗରେ ଆକ୍ରାନ୍ତ ହୁଅନ୍ତି। ଏଜ୍‌ବେଷ୍ଟସ୍ ତନ୍ତୁ ବା ଧୂମ ସେବନ ଦ୍ୱାରା ଫୁସ୍‌ଫୁସ୍ କ୍ୟାନସର ହୁଏ ଓ ଟୋବେନ୍‌ଜିନ୍ ଦ୍ୱାରା ରକ୍ତ କ୍ୟାନସର ହୁଏ। ଅତ୍ୟଧିକ ଆମିଷ ଖାଦ୍ୟ, ଶାରୀରିକ ଶ୍ରମ ବିମୁଖତା ଓ ମୋଟାପଣ ଯୋଗୁଁ (୩୦-୩୫%) ମଧ୍ୟ କ୍ୟାନସର ହୋଇଥାଏ। ଶାରୀରିକ ପରିଶ୍ରମ ନକଲେ ଲୋକମାନେ ମୋଟା ହୋଇଯାନ୍ତି ଓ ସେମାନଙ୍କର ରୋଗ ପ୍ରତିରୋଧକଶକ୍ତି ଓ ଅନ୍ତଃସ୍ରାବୀ ସମନ୍ୱୟତା କମିଯାଏ। ଅତ୍ୟଧିକ ଲୁଣ ସେବନ କଲେ ପାକସ୍ଥଳୀ କ୍ୟାନସର ହୁଏ। ଜାପାନରେ ପାକସ୍ଥଳୀ କ୍ୟାନସର ଓ ଯୁକ୍ତରାଷ୍ଟ୍ର ଆମେରିକାରେ ଖାଦ୍ୟନଳୀ (ବୃହଦାନ୍ତ୍ର) କ୍ୟାନସର ଅତ୍ୟଧିକ ଅଧିକ ଲୁଣ ସେବନ ଯୋଗୁଁ ହୋଇଥାଏ। ଖାଦ୍ୟ ପଦାର୍ଥ ଆଫ୍‌ଲାଟକ୍ସିନ୍ ଦ୍ୱାରା ଆକ୍ରାନ୍ତ ହେଲେ ଲିଭର କ୍ୟାନସର ହୁଏ ଓ ପାନ ଖାଇଲେ ମୁଖଗହ୍ୱର କ୍ୟାନସର ହୁଏ। ବିଭିନ୍ନ ଭୂତାଣୁ ଦ୍ୱାରା ମଧ୍ୟ କ୍ୟାନସର ହୋଇଥାଏ। ମହିଳା ମାନଙ୍କର ହ୍ୟୁମାନ୍ ପେପିଲୋମା ଭୂତାଣୁ ଜନନେନ୍ଦ୍ରିୟ କ୍ୟାନସରର କାରଣ। ଏବଷ୍ଟିନ୍ ବାର ଭୂତାଣୁ ଲିମ୍ଫୋମା ଓ ନାକ ଓ ଖାଦ୍ୟନଳୀ କ୍ୟାନସର କରେ। ହେପାଟାଇଟସ୍ ବି ଭୂତାଣୁ ଲିଭର କ୍ୟାନସରର ମୁଖ୍ୟ କାରଣ। ହେପାଟାଇଟିସ୍ ସି ମଧ୍ୟ ଯକୃତ କ୍ୟାନସର କରେ। ହାର୍ପିସ୍ ଭୂତାଣୁ - କାପୋସି ସାର୍କୋମାର କାରଣ। ହେଲିକୋ ବ୍ୟାକ୍ଟର ପାଇଲୋରି ଜୀବାଣୁ ପାକସ୍ଥଳୀ କ୍ୟାନସର କରେ। ସିଷ୍ଟୋସୋମା ଓ ଯକୃତ ଫ୍ଲୁକ୍ ଯଥାକ୍ରମେ ପରିସ୍ରା ଥଳି କ୍ୟାନସର ଓ କୋଲାଞ୍ଜିଓକାର୍ସିନୋମା କରନ୍ତି। ଆଣବିକ ବିକୀରଣ (୧୦%) ମଧ୍ୟ କ୍ୟାନସର ରୋଗର ଅନ୍ୟ ଏକ କାରଣ। କର୍କଟ ରୋଗର ପ୍ରାଥମିକ ଲକ୍ଷଣ କ'ଣ? ବହୁଦିନ ଧରି ଶରୀରର ଯେ କୌଣସି ସ୍ଥାନରେ କିମ୍ବା ପାଟିରେ ଘା' ନ ଶୁଖିବା, ଖାଦ୍ୟ ଖାଇବାରେ କ୍ରମାଗତ ଯନ୍ତ୍ରଣା ଅନୁଭବ କରିବା, ସ୍ୱର ବସିଯିବା, କ୍ଷୁଧା ନହେବା, ବଦହଜମ ଓ ତରଳ ଲାଲରକ୍ତ ଝାଡ଼ା ଲାଗି ରହିବା, ସ୍ତନରେ ମାଂସପିଣ୍ଡୁଳା ବା ଘା ହେବା, ଅନିୟମିତ ଭାବେ ଜରାୟୁରୁ ରକ୍ତସ୍ରାବ ହେବା, ଦେହରେ ଯେ କୌଣସି ସ୍ଥାନରେ ମାଂସପିଣ୍ଡୁଳା ବା କଳାଜାଇ ବୃଦ୍ଧି ପାଇବା ଇତ୍ୟାଦି କର୍କଟ ରୋଗର ପ୍ରାଥମିକ ଲକ୍ଷଣ। ଏ କ୍ଷେତ୍ରରେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ବିଶେଷଜ୍ଞଙ୍କ ପରାମର୍ଶ ନେବା ନିହାତି ଜରୁରୀ। କର୍କଟ ରୋଗର ନିରାକରଣ ଏକ ମୁଖ୍ୟ ବିଷୟ। ପରିବେଶ ପ୍ରଦୂଷଣ ଓ ଜୀବନଶୈଳୀ ଓ ଖାଦ୍ୟପେୟ ପରିବର୍ତ୍ତନ ମାଧ୍ୟମରେ ୭୦-୯୦% କର୍କଟ ରୋଗ ନିରାକରଣ ସାପେକ୍ଷ। ଧୂମପାନ, ମଦ୍ୟପାନ, ଅତ୍ୟଧିକ ମୋଟାପଣ, ଶାରୀରିକ ଶ୍ରମ ବିମୁଖତା ଓ ବାୟୁ ପ୍ରଦୂଷଣ ଇତ୍ୟାଦିର ନିରାକରଣରେ କ୍ୟାନସର ବ୍ୟାଧିକୁ ବହୁ ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ। ଆମିଷ ଖାଦ୍ୟରେ ଶରୀର ବିଧାନ ଅତ୍ୟଧିକ ଉତ୍ତେଜିତ ଓ ଜର୍ଜରିତ ହୁଏ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ନିରାମିଷ ଖାଦ୍ୟ, ଯଥେଷ୍ଟ ପରିମାଣରେ ପନିପରିବା ଓ ଫଳ ସେବନ କର୍କଟ ବ୍ୟାଧିର ନିରାକରଣରେ ସାହାଯ୍ୟ କରେ। ଟୀକା ନେବା (ହେପାଟାଇଟିସ୍ ବି ଓ ପେପିଲୋମା ଭାଇରସ୍) ମାଧ୍ୟମରେ ଲିଭର କ୍ୟାନସର ଓ ଜନନେନ୍ଦ୍ରିୟ କ୍ୟାନସର ନିରାକରଣ ହୋଇପାରିବ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭)**

## ଏସ.ଏଚ.ଜି. ଅର୍ଥ ହଡପ ମାମଲାରେ ସ୍ୱାମୀ ଗିରଫ

ବାଲେଶ୍ୱର (ପିଏନ୍: ସ୍ୱୟଂ ସହାୟକ ଗୋଷ୍ଠୀରୁ ବିପୁଳ ଟଙ୍କା ହଡପ କରିବା ଅଭିଯୋଗରେ ବାଖରାବାଗ୍ ଗ୍ରାମର ରମେଶ ରାଉତଙ୍କୁ ରୂପ୍ସା ପୁଲିସ୍ ଗିରଫ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ସ୍ତ୍ରୀ କବିତା ରାଉତ ଫେରାର ହୋଇଯାଇଛନ୍ତି। ପ୍ରକଶ ଯେ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାଙ୍କ ଲକ୍ଷାଧିକ ଟଙ୍କା ଋଣ ରାଶି ମାସିକ କିସ୍ତି ବାବଦ ଅର୍ଥକୁ ରମେଶ ଓ ତାଙ୍କ ସ୍ତ୍ରୀ ହଡପ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ସାଇବାବା ଏସଏଚଜି ସଭାନେତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଗତ ୯ ତାରିଖରେ ଓ ଲକ୍ଷ୍ମୀନାରାୟଣ ଏସଏଚଜି ସମ୍ପାଦିକା ମଞ୍ଜୁଲତା ଲେଙ୍କାଙ୍କ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଲକ୍ଷାଧିକ ଟଙ୍କା ନେଇ ଏହି ଦମ୍ପତି ଗ୍ରାମ ଛାଡି ବାଲେଶ୍ୱରରେ ଘରଭଡା ନେଇ ରହୁଥିବାରୁ ମହିଳା ଗୋଷ୍ଠୀର ସଭ୍ୟାଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା। ବର୍ଷେକାଳ କୌଣସି ଅର୍ଥ ପରିଶୋଧ ନକରିବାକୁ ମହିଳାମାନେ ଜିଲ୍ଲାପାଳଙ୍କ ନିକଟରେ ଓ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନାଧିକାରୀ ସଦଳବେଳେ ଚଢାଉ କରି ବାଲେଶ୍ୱରର କୁରୁଡା ଛକରୁ ଅଭିଯୁକ୍ତ ରମେଶଙ୍କୁ ଗିରଫ କରିଥିବାବେଳେ କବିତା ଫେରାର ହୋଇଯାଇଥିଲେ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

# ମାନେକ୍‌ଶା...ଭାରତର ପ୍ରଥମ ଫିଲଡ୍ ମାର୍ସଲ



ଅଦ୍ୟାବଧି ମାତ୍ର ଦୁଇ ଜଣ ଭାରତୀୟ ସେନା ବିଭାଗୀୟ ଉଚ୍ଚ ପଦାଧିକାରୀ ଫିଲଡ୍ ମାର୍ସଲ ପଦବୀକୁ ଉନ୍ନୀତ ହୋଇଥିବା ଜଣାଯାଏ। ସେମାନେ ହେଉଛନ୍ତି ସାମ ହୋମୁସଜୀ ଫ୍ରେମଜୀ ଜାମଶେଦଜୀ ମାନେକଶା ଓ କୋଡ଼ଣ୍ଡେରା ମଡ଼ପ୍ପା କରିଅପ୍ପା। ମାନେକଶା ଭାରତର ପ୍ରଥମ ଫିଲଡ୍ ମାର୍ସଲ। କରିଅପ୍ପା ବୟୋଜ୍ୟେଷ୍ଠ ହୋଇଥିଲେ ହେଁ ଅବସର ଗ୍ରହଣର ପ୍ରାୟ ତିରିଶ ବର୍ଷ ପରେ (୧୯୮୬)ରେ ଫିଲଡ୍ ମାର୍ସଲ ଉପାଧି ପାଇଥିଲେ। ଫିଲଡ୍ ମାର୍ସଲ ମାନେକଶା ସାମ ବାହାଦୂର ଭାବେ ମଧ୍ୟ ଜଣାଶୁଣା। ନିଜର ଚାରି ଦଶନ୍ଧିର ସୈନିକ ଜୀବନରେ ଫିଲଡ୍ ମାର୍ସଲ ମାନେକଶା ପାଞ୍ଚଟି ଯୁଦ୍ଧ ଲଢ଼ି ଥିଲେ। ବ୍ରିଟିଶ ଇଣ୍ଡିଆନ୍ ଆର୍ମି ପକ୍ଷରୁ ସେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଲଢ଼ିଥିଲେ। ୧୯୬୯ରେ ସେ ଭାରତର ଅଷ୍ଟମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଭାବେ ନିଯୁକ୍ତି ପାଇଥିଲେ ଏବଂ ତାଙ୍କ ନେତୃତ୍ୱରେ ୧୯୭୧ରେ ଭାରତ, ପାକିସ୍ତାନ ଉପରେ ବିଜୟ ହାସଲ କରିଥିଲା। ଏହାର ସୁଫଳ ସ୍ୱରୂପ ବାଙ୍ଗଲାଦେଶ ଜନ୍ମ ହୋଇଥିଲା। ୧୯୭୩ ଜାନୁଆରୀ ପହିଲାରେ ତାଙ୍କୁ ଫିଲଡ୍ ମାର୍ସଲ ଉପାଧିରେ ଭୂଷିତ କରାଯାଇଥିଲା। ଏହାଛଡ଼ା ତାଙ୍କୁ ମିଲିଟାରୀ କ୍ରସ୍, ପଦ୍ମ ଭୂଷଣ, ଓ ପଦ୍ମ ବିଭୂଷଣ ମଧ୍ୟ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ବର୍ମାରେ ଜାପାନୀ ସେନା ସହ ଲଢୁଥିବା ବେଳେ ତାଙ୍କ ପେଟରେ ମେସନ୍ ଗନ୍‌ର ଗୁଳି ବାଜିଥିଲା ଏବଂ ସେ ଗୁରୁତର ଭାବେ ଆହତ ହୋଇଥିଲେ। ବ୍ରିଟିସ ସେନା ପକ୍ଷରୁ ଯୁଦ୍ଧ ପରିଚାଳନା କରୁଥିଲେ ମେଜର୍ ଜେନେରାଲ ଡିଟି କୋୱାନ୍। ମାନେକଶାଙ୍କ ଅବସ୍ଥା ଓ ତାଙ୍କ ଦମ୍ଭ ଦେଖି ସେ ସଙ୍ଗେ ସଙ୍ଗେ ରଣାଙ୍ଗନରେ ହିଁ ତାଙ୍କୁ ମିଲିଟାରୀ କ୍ରସ ପ୍ରଦାନ କରି କହିଥିଲେ ମୃତ ସୈନିକକୁ ଏହା ଦିଆଯାଏ ନାହିଁ। ନିଅ, ଜୀବନ ଥାଉ ଥାଉ ଗ୍ରହଣ କର। ହେଲେ ସେ ବର୍ତ୍ତି ଯାଇଥିଲେ। ତାଙ୍କ ବ୍ୟକ୍ତିଗତ ପରିଚାରକ ଶେର ସିଂହ ଗୋଳା ବର୍ଷକୁ ଖାତିର ନକରି, ତାଙ୍କୁ ରେଙ୍ଗୁନସ୍ଥିତ ସେନା ହସ୍‌ପିଟାଲରେ ପହଞ୍ଚାଇଥିଲେ। ସେଠାରେ ଡାକ୍ତରମାନେ ମାନେକଶାଙ୍କ ପେଟ, ଫୁସ୍‌ଫୁସ୍, ବୃକକ୍ ଆଦିରୁ ସାତଟି ଗୁଳି ବାହାର କରିଥିଲେ। ଅସ୍ତ୍ରୋପଚାର ବେଳେ କ'ଣ ହୋଇଛି ପଚାରିବାରୁ ସେ କହିଥିଲେ ଗଧଟିଏ ନାତ ମାରିଦେଇଛି। ଫିଲଡ୍ ମାର୍ସଲ ମାନେକଶା ଥିଲେ ଗୁଜୁରାଟ ଅନ୍ତର୍ଗତ ବଲ ସହରର ମୂଳ ବାସିନ୍ଦା। ତାଙ୍କ ପିତା ଥିଲେ ଜଣେ ପାରସୀ ଡାକ୍ତର। ସେ ପଞ୍ଜାବର ଅମୃତସରରେ କାମ କରୁଥିଲେ। ଫିଲଡ୍ ମାର୍ସଲ ମାନେକଶା ପ୍ରଥମେ ପିତାଙ୍କ ପରି ଡାକ୍ତର ହେବାକୁ ଚାହୁଁଥିଲେ। ହେଲେ ଲଣ୍ଡନରେ ଡାକ୍ତରୀ ପଢ଼ିବା ପାଇଁ ପିତା ଅନୁମତି ନ ଦେବାରୁ କାହାକୁ କିଛି ନକହି ଦେହରାଦୂନର ଇଣ୍ଡିଆନ୍ ମିଲିଟାରୀ ଏକାଡ଼େମୀରେ ଭର୍ତ୍ତି ହୋଇଥିଲେ। ଭାରତୀୟ ସେନାର ଅପୂର୍ବ ବୀରତ୍ୱ ଗାଥାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମାନେକଶା। ତାଙ୍କ ଜୀବନ କାଳ ଭିତରେ ପ୍ରତିକୂଳତା ସହ ଲଢ଼େଇ କରି ଭାରତ ବିଜୟର ଜୟଯାତ୍ରାକୁ ସେ ଯେଉଁ ସ୍ଥାନକୁ ନେଇଛନ୍ତି ତାହା ବର୍ତ୍ତମାନର ସମୟରେ ଚିନ୍ତାର ବାହାରେ। ସୀମାନ୍ତ କ୍ଷେତ୍ର ଠାରୁ ହିମ ବରଫ କ୍ଷେତ୍ର ବା ମରୁ ଅଞ୍ଚଳ ସବୁଠାରେ ସେନାବାହିନୀର ପରାକ୍ରମର ଯେଉଁ କାହାଣୀ ଗାଥା ଜଡ଼ିତ ସେ ସବୁ ପଛରେ ସ୍ମରଣୀୟ ସ୍ମୃତି କିନ୍ତୁ ସମସ୍ତଙ୍କର ରହିଛି ପ୍ରାତଃ ବନ୍ଦନୀୟ ମାନେକଶାଙ୍କ ପାଖରେ। ଆମ ଭାରତର ସେନାବାହିନୀର ବିଭିନ୍ନ କମାଣ୍ଡ କ୍ଷେତ୍ରର ଯୁଦ୍ଧ ସ୍ମାରକୀ, ଜାତୀୟ ସଂଗ୍ରାହାଳୟ ଓ ପ୍ରତିରକ୍ଷା ସଂଗ୍ରହାଳୟରେ ମାନେକଶାଙ୍କ ସ୍ମୃତି ଓ ତାଙ୍କ ବ୍ୟବହୃତ ସେନା ସରଞ୍ଜାମ ପ୍ରଦର୍ଶିତ ହେଉଛି। ଭାରତୀୟ ସେନାବାହିନୀ ପକ୍ଷରୁ ତାଙ୍କ ବୀରତ୍ୱ ଗାଥାକୁ ନେଇ ପ୍ରାମାଣିକ ଚିତ୍ର ବି ପ୍ରସ୍ତୁତ ହୋଇଛି। ୧୯୧୪ ଏପ୍ରିଲ ୩ ତାରିଖ ଦିନରେ ଅମୃତସରରେ ସେ ଜନ୍ମ ହୋଇଥିଲେ।

**ଶେଖ ଫରିଦ୍‌ଉଦ୍ଦିନ**, ଦୂରସଞ୍ଚାର ଭବନ, ଲିଙ୍କରୋଡ଼, କଟକ, ଦୂରଭାଷ : ୯୪୩୭୦୦୪୮୮୮

# ସହରାଂଚଳ କଠିନ ବର୍ଜ୍ୟ ପରିଚାଳନାରେ ଦୃତ ଅଗ୍ରଗତି ହୋଇଛି

ଭୁବନେଶ୍ୱର, (ପିଏନ)- ସହରାଂଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଦୃତ ଅଗ୍ରଗତି ଘଟିଛି । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ ତ୍ରିପାଠୀଙ୍କ ଦ୍ୱାରା ଭିଡିଓ କନ୍‌ଫେରେନ୍‌ସିଂ ମାଧ୍ୟମରେ ଇତିମଧ୍ୟରେ କରାଯାଇଥିବା ସମୀକ୍ଷାରୁ ଏହା ଜଣାପଡିଛି । ରାଜ୍ୟ ଲୋକସେବା ଭବନ ସମ୍ମିଳନୀ କକ୍ଷରୁ ଆୟୋଜିତ ଏହି କନ୍‌ଫେରେନ୍‌ସିଂରେ ଗୃହ ଓ ସହର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଜି.ମାଥିଭାଥାନନ୍ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ଭିତିଭୂମି ନିର୍ମାଣ ଓ ସେବା ଯୋଗାଣ ସମ୍ବନ୍ଧୀୟ ବିଷୟ ସମୀକ୍ଷା ନିମନ୍ତେ ଉପସ୍ଥାପନ କରିଥିଲେ ।କାର୍ଯ୍ୟର ଅଗ୍ରଗତି ବିଷୟରେ ଜିଲ୍ଲାୱାରୀ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି ହେଉଥିବା ସ୍ଥାନରେ ହିଁ ସେଗୁଡିକର ପୃଥକୀକରଣ ନିଶ୍ଚିତ କରାଇବା ପାଇଁ ଜିଲ୍ଲାପାଳ ଏବଂ ସହରାଂଚଳ କର୍ତ୍ତୃପକ୍ଷ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଭିତିଭୂମି ନିର୍ମାଣ ଓ ସୁବିଧା ସୁଯୋଗ ସହ ଲୋକମାନଙ୍କର ଚେତନା ଓ ଅଭ୍ୟାସରେ ପରିବର୍ତନକୁ ଅଗ୍ରାଧିକାର ଦେବା ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ ।ସମୀକ୍ଷାରୁ ଜଣାପଡିଛି ଅକ୍ଟୋବର ଶେଷ ସୁଦ୍ଧା ୩୦ଟି ବଡ ବଡ ସହର ମଧ୍ୟରୁ ୨୪ଟି ସହରାଂଚଳରେ ଶତ ପ୍ରତିଶତ ଘରକୁ ଘର ବର୍ଜ୍ୟ ସଂଗ୍ରହ କରାଯାଉଛି । ଅବଶିଷ୍ଟ ୬ଟି ସହରରେ ଏ କ୍ଷେତ୍ରରେ ୮୩ ଶତକଡା ଲକ୍ଷ୍ୟ ହାସଲ ହୋଇଛି। ଏହି ୬ଟି ସହର ହେଲା ଗଜପତି, ନୟାଗଡ, ବଲାଙ୍ଗିର, ପୁରୀ, ବାଲେଶ୍ୱର ଓ ଖୋର୍ଦ୍ଧା।

# ବାଲେଶ୍ୱର ବିଜେପି ପକ୍ଷରୁ ମୋଦିଜୀଙ୍କ ଜନ୍ମ ଦିବସ ଉପଲକ୍ଷେ ସେବା ସପ୍ତାହ ପାଳିତ

ବାଲେଶ୍ୱର (ପିଏନ୍): ଆଧୁନିକ ଭାରତର ନିର୍ମାତା ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ତମ ଜନ୍ମଦିନକୁ ସାରା ଭାରତବର୍ଷରେ ସେବା ସପ୍ତାହ ରୂପେ ପାଳନ କରାଯାଉଛି। ଗତ ସେପ୍ଟେମ୍ବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସେବା ସପ୍ତାହରେ ଜିଲ୍ଲାର ବିଭିନ୍ନ ଜାଗାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି। ଏହି ପରିପ୍ରେକ୍ଷୀରେ ମହିଳା ମୋର୍ଚ୍ଚା ପକ୍ଷରୁ କାଳି ମନ୍ଦିର ପ୍ରାଙ୍ଗଣରେ ୬୯ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା ଏବଂ ମୋଦିଜୀଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରି ପୂଜା ଅର୍ଚ୍ଚନା କରାଯାଇଥିଲା। ସେହିଭଳି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା ଏବଂ ପରେ ସମସ୍ତ କାର୍ଯ୍ୟକର୍ତ୍ତା ସାଧାରଣ ଲୋକ ମିଶି ଏକ ଶପଥ ନେଇଥିଲେ କି ପ୍ଲାଷ୍ଟିକ ବସ୍ତୁକୁ ବ୍ୟବହାର କରିବା ନାହିଁ, ଜଳ ସଂରକ୍ଷଣ କରିବା, ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ କରିବା ପାଇଁ ନିଃସ୍ୱାର୍ଥପର ତଥା ନିଷ୍ଠାପର ଉଦ୍ୟମ ଜାରି ରଖିବା, ପାଣିକୁ ଅପବ୍ୟବହାର କରିବା ନାହିଁ। ଉକ୍ତ କାର୍ଯ୍ୟକ୍ରମରେ ସେବା ସପ୍ତାହର ଜିଲ୍ଲା ସଂଯୋଜକ ଗୌରାଙ୍ଗ ଦାସ, ଜିଲ୍ଲା ଉପ ସଭାପତି ଗଙ୍ଗାଧର ରାଉତ ଓ ପର୍ଶୁରାମ ବେହେରା, ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ରବିନାରାୟଣ ମହାପାତ୍ର, ବୈଲୋଚନ ଦାସ, ଶୁଭଙ୍କର ମହାପାତ୍ର, ସୁଜିତ ଦେବ, ଚିତ୍ତରଂଜନ ପଣ୍ଡା, ଉମାକାନ୍ତ ମହାପାତ୍ର, ଧୀରଜ ମହାନ୍ତି, ଯୋଗେନ ରଣା, ମଣ୍ଟୁ ପେରିୱାଲ, ବିନୟ ମହାରଣା, ଅରୂପ ଜେନା, ମହୁଆ ପ୍ରଧାନ, ସସ୍ମିତା ଦାସ, ସସ୍ମିତା ଚାନ୍ଦ, ସଂଯୁକ୍ତା ମହାପାତ୍ର, ଶ୍ରୀୟା ଦାସ,ସୁସ୍ମିତା ପଣ୍ଡା, ଜୀବନ ପାତ୍ର, ତରୁଣ ବର୍ଦ୍ଧନ, ବିବେକାନନ୍ଦ ରାଉତ, ଆଲୋକ ପଣ୍ଡା, ଅନନ୍ତ ଚାନ୍ଦ, ପ୍ରଦୀପ ପତି, ଅବିନାଶ ସେଠୀ, ବିଦ୍ୟାସାଗର ପଣ୍ଡା, ପିଣ୍ଟୁ ପୋଦ୍ଦାର, ସ୍ୱାଧୀନ ପଣ୍ଡା, ରଣଜିତ ପୃଷ୍ଟି, ବସନ୍ତ ନାୟକ, ବିଜୟ ସେଠୀ, କୌଶିକ ଚାନ୍ଦ, ସବିତା ପାଣିଗ୍ରାହୀ, ଜିତେନ୍ଦ୍ର ଷଡଙ୍ଗୀ, ଉତ୍ତମ ଦାସ ଆଦି ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନିଶାଗ୍ରସ୍ତ ସ୍ୱାମୀର ନାରକୀୟ କାଣ୍ଡ

ବାଲେଶ୍ୱର (ପିଏନ୍): ନିଶା ମଣିଷକୁ ପଥଭ୍ରଷ୍ଟ କରାଏ । କେତେବେଳେ ସେ କ'ଣ କାଣ୍ଡ କରେ ନିଜେ ମଧ୍ୟ ଜାଣିପାରେନାହିଁ। ମଦ ନିଶା ଯୋଗୁଁ ସ୍ୱାମୀ ସାଜିଲା ହତ୍ୟାକାରୀ । ସାମାନ୍ୟ ବଚସାରୁ ସ୍ତ୍ରୀକୁ ପିଟି ପିଟି ହତ୍ୟା କରିଛି ସ୍ୱାମୀ । ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ଅଞ୍ଚଳରେ । ସେରଗଡ ଫାଣ୍ଡି ଅନ୍ତର୍ଗତ ଶାଆନ୍ତା ଛକର ତେନ୍ତୁଳିଆ ଗ୍ରାମର ଭରତ ସିଂ ଗତ ମଙ୍ଗଳବାର ରାତିରେ ପ୍ରଚୁର ମଦ ପିଇ ଘରକୁ ଫେରିଥିଲା । କୌଣସି କାରଣକୁ ଭରତ ଓ ତାଙ୍କ ସ୍ତ୍ରୀ ବାସନ୍ତୀଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏହି ଝଗଡା ହତ୍ୟାର ରୂପ ନେଇଥିଲା । ଏଥିରେ ଉତ୍ୟକ୍ତ ହୋଇ ଭରତ ବାସନ୍ତୀଙ୍କୁ ପିଟି ପିଟି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଖବର ପାଇ ଘଟଣାସ୍ଥଳରେ ଖନ୍ତାପଡା ପୁଲିସ ପହଞ୍ଚି ମୃତଦେହ ଜବତ କରିଥିବାବେଳେ ଭରତକୁ ଅଟକ ରଖିଥିବା ଜଣାପଡିଛି। ପୁଲିସ ଏ ବାବଦରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଭତ୍ତା ଟଙ୍କା ହଡପ, ପଞ୍ଚାୟତ ପିଅନ ଗିରଫ

ବାଲେଶ୍ୱର (ପିଏନ୍): ବସ୍ତା ବ୍ଲକ ଅନ୍ତର୍ଗତ ନୋଟାକଟା ପଞ୍ଚାୟତରେ ଭୂତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ହଡପ ଅଭିଯୋଗ ହୋଇଛି । ପଞ୍ଚାୟତର ପିଅନ ସୂର୍ଯ୍ୟକାନ୍ତ ସାହୁ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି । ଅଭିଯୋଗ ପାଇ ବସ୍ତା ପୁଲିସ ୨୪୩/୧୯ରେ ଏକ ମାମଲା ରୁଜୁ କରିଥିଲେ ଏବଂ ତାଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେଉଁ ବୃଦ୍ଧବୃଦ୍ଧା ଶାରିରୀକ ଦୁର୍ବଳତା ପାଇଁ ଭତ୍ତା ନେବାକୁ ଆସିପାରୁ ନ ଥିଲେ ପଞ୍ଚାୟତ ପକ୍ଷରୁ ପିଅନ ଶ୍ରୀ ସାହୁଙ୍କ ମାଧ୍ୟମରେ ସେମାନଙ୍କ ନିକଟକୁ ଭତ୍ତା ପଠାଯାଉଥିଲା। ତେବେ ଯେଉଁମାନଙ୍କ ମୃତ୍ୟୁ ହୋଇଯାଇଥିଲା ସେମାନଙ୍କ ଭତ୍ତା ସେ ଆତ୍ମସାତ୍ କରୁଥିଲେ। ଶ୍ରୀ ସାହୁ ଏପର୍ଯ୍ୟନ୍ତ ୧୭ ଜଣଙ୍କ ଭତ୍ତା ହଡପ କରିଥିବା ଜଣାପଡିଛି ।

## ନିଶା ମାଫିଆ ରାଜା ଘରେ ଚଢାଉ, ଦୁଇଟି କାର୍ ଓ ସିସିଟିଭି ଜବତ

ବାଲେଶ୍ୱର (ପିଏନ୍): ଅନ୍ତଃରାଷ୍ଟ୍ରୀୟ ନିଶା ମାଫିଆ ସେଖ୍ ରାଜା ଘରେ ବାଲେଶ୍ୱର ଏସପି ବି. ଯୁଗଳ କିଶୋରଙ୍କ ତତ୍ତ୍ୱାବଧାନରେ ଏକ ସ୍ପେଶାଲ ସ୍କ୍ୱାର୍ଡ ଚଢାଉ କରିଛି । ଏହାସହ ଏହି ଟିମ୍ ଡ୍ରଗ୍ କାରବାରରେ ଲିପ୍ତ ଥିବା ବିଭିନ୍ନ ମାଫିଆଙ୍କ ଘରେ ମଧ୍ୟ ଚଢାଉ କରିଥିବା ଜଣାପଡିଛି । ବାଲେଶ୍ୱର ସହରର ଅରଡ ବଜାର ଓ ମସଜିଦ୍ ଗଳିରେ ଥିବା ରାଜାର ଘରେ ଡିଏସପି ମନୋଜ ରାଉତଙ୍କ ନେତୃତ୍ୱରେ ରେମୁଣା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ଏହି ଚଢାଉ କରିଥିଲେ । ପୁଲିସକୁ ଦେଖି ସେଠାରେ ରହୁଥିବା ରାଜାର ଭାଉଜ ସନ୍‌ୱାର ବିବି ଫେରାର ହୋଇଯାଇଥିଲେ । ତେବେ ରାଜା ଘରେ ଲାଗିଥିବା ସିସି କ୍ୟାମେରାଗୁଡିକୁ ପୁଲିସ ଜବତ କରିଥିବା ଜଣାପଡିଛି । ଏହାପରେ ତେଲେଙ୍ଗାସାହିସ୍ଥିତ ଏକ ଆପାର୍ଟମେଣ୍ଟରେ ରାଜା କିଣିଥିବା ୧୦୬ ନମ୍ବର ଫ୍ଲାଟ୍‌ରେ କାମ ଚାଲିଥିବା ଖବର ପାଇ ସ୍ପେଶାଲ ସ୍କ୍ୱାର୍ଡ ସେଠାରେ ପହଞ୍ଚି ଖାନ୍‌ତଲାସ କରିଥିଲେ । ଏହାପରେ ଆପାର୍ଟମେଣ୍ଟ ଲୋକଙ୍କୁ ଡାକି ଉକ୍ତ ଫ୍ଲାଟ୍‌ର କାମ ବନ୍ଦ କରିବାକୁ ପୁଲିସ କହିବା ସହ ସେଠାରେ ରାଜା ରଖିଥିବା ଦୁଇଟି ୪ ଚକିଆ ଗାଡି ନମ୍ବର (ଓଡି-୦୧ଭି-୮୭୮୬ ଓ ଓଡି-୦୧ଏଡି-୧୮୯୦)କୁ ମଧ୍ୟ ଜବତ କରାଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ଅନ୍ତଃରାଷ୍ଟ୍ରୀୟ ନିଶା ମାଫିଆ ସେଖ୍ ରାଜାକୁ ଏସଟିଏଫ ଗତ ୧୬ ତାରିଖରେ ଭୁବନେଶ୍ୱରରୁ ଗିରଫ କରିଥିଲା । ଏବେ ତାକୁ ୭ ଦିନିଆ ରିମାଣ୍ଡରେ ନିଆଯାଇଥିବା ବେଳେ ତାର ନିଶା ସାମ୍ରାଜ୍ୟକୁ ସମୂଳେ ଧ୍ୱଂସ କରିବା ପାଇଁ ବିଭିନ୍ନ ସ୍ଥାନରେ ଥିବା ତା'ର ଲିଙ୍କର ଖୋଳତାଡ କରାଯାଉଛି

# ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ୩୮୦ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରରେ !

ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାର ବିଭିନ୍ନ ସମୟରେ ବହୁ ଆନ୍ତର୍ଜାତିକ କ୍ରୀଡ଼ାକୁମ୍ଭର ଆୟୋଜନ କରି ଓଡ଼ିଶାକୁ କ୍ରୀଡ଼ା ରାଜଧାନୀ କରିବାର ଗୌରବ ମଣ୍ଡନ କରାଇଛନ୍ତି। ହେଲେ ଦୀପ ତଳ ଅନ୍ଧାର ଭଳି ରାଜଧାନୀର କଳିଙ୍ଗ ଷ୍ଟାଡ଼ିୟମ ପରିସରରେ ଥିବା ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଭବିଷ୍ୟତ ବର୍ତ୍ତମାନ ଅନ୍ଧାରରେ। ସେଠାରେ ଶିକ୍ଷା ଗ୍ରହଣ କରୁଥିବା ୩୮୦ ଛାତ୍ରଛାତ୍ରୀମାନେ ବର୍ତ୍ତମାନ ରାଜରାସ୍ତାରେ। ବିଭାଗୀୟ ସଚିବ ଶ୍ରୀ ବିଶାଳ ଦେବଙ୍କ ମନୋମୁଖୀ ଓ ଦାୟିତ୍ୱହୀନ ନିଷ୍ପତ୍ତି ଯୋଗୁ ଆଜି ଏହି ଅନୁଷ୍ଠାନରେ ସଙ୍ଗୀନ ପରିସ୍ଥିତ ସୃଷ୍ଟି ହୋଇଛି। ୧୯୫୭ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ପ୍ରଥମେ କଟକ ବାରବାଟୀ ଷ୍ଟାଡ଼ିୟମ ପରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ୧୯୯୪ ମସିହାଠାରୁ ଚାଲୁ ରହିଥିଲା। ବିଭିନ୍ନ ସମୟରେ ଏହି ଅନୁଷ୍ଠାନରେ ଛାତ୍ରଛାତ୍ରୀମାନେ ମଧ୍ୟ ଅନେକ ଅନ୍ତର୍ଜାତୀୟସ୍ତରର ମ୍ୟାଚ୍‌ରେ ପରିଚାଳନା କରିବା ପାଇଁ ସହଯୋଗ କରି ଆସିଥାନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଶାରୀରିକ ଶିକ୍ଷା ପ୍ରଦାନ ପାଇଁ ନିଯୁକ୍ତ ଶିକ୍ଷକମାନେ ଏହି ଅନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିଥାନ୍ତି। ଯଦି ଏହି ଶିକ୍ଷାନୁଷ୍ଠାନ ରହିବ ତେବେ ଶାରୀରିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଭବିଷ୍ୟତରେ ବହୁ ଅସୁବିଧା ସୃଷ୍ଟି ହେବ। ଏହି ଅନୁଷ୍ଠାନରୁ ଏନ୍‌ସିଟିଇ ତା'ର ସ୍ୱୀକୃତି ପ୍ରତ୍ୟାହାର କରିନେଇଛି। କୌଣସି ଆନୁସଙ୍ଗିକ ଭିତ୍ତିଭୂମି ନଥିବାରୁ ସ୍ୱୀକୃତି ପ୍ରଦାନ ପ୍ରତ୍ୟାହାର କରି ନିଆଯାଇଛି। ଏ ସଂକ୍ରାନ୍ତରେ ଏନ୍‌ସିଟିଇ ମଧ୍ୟ କ୍ରୀଡ଼ା ବିଭାଗକୁ ଜଣାଇବା ପରେ ବିଭାଗ କୌଣସି ପଦକ୍ଷେପ ନେଲା ନାହିଁ। ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ ଏହି ଶିକ୍ଷାନୁଷ୍ଠାନକୁ ସୁରକ୍ଷା ଦୃଷ୍ଟିରୁ ବିଭାଗ କଳିଙ୍ଗ ଷ୍ଟାଡ଼ିୟମ ପରିସରରୁ ହଟାଇ ନେଇଛନ୍ତି। ପାହାଲ ନିକଟସ୍ଥ ଜୋହଲରେ ଥିବା ଆପେକ୍ସ ଇଞ୍ଜିନିୟରିଂ କଲେଜକୁ ଏହି ଅନୁଷ୍ଠାନକୁ ଉଠାଇ ନିଆଯାଇଛି। ଅନୁଷ୍ଠାନରେ ପାଖାପାଖି ୮୦% ସରଞ୍ଜାମ ଆପେକ୍ସ କଲେଜକୁ ସ୍ଥାନାନ୍ତରିତ ହୋଇସାରିଛି। ବାର୍ଷିକ ୭୦ ଲକ୍ଷ ଟଙ୍କା ଭଡ଼ା ସୂତ୍ରରେ ଏହି ଅନୁଷ୍ଠାନ ସେଠାରେ ଚାଲିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଏ ପର୍ଯ୍ୟନ୍ତ ସରକାରୀସ୍ତରରେ କୌଣସି ଚୁକ୍ତିନାମା ନହୋଇ ଏତେବଡ଼ ନିଷ୍ପତ୍ତି କିପରି ହେଲା। କିଏ ଏବଂ କେଉଁ ନ୍ୟସ୍ତସ୍ୱାର୍ଥରେ ସରକାରଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନକୁ ଏଠାରୁ ଉଠାଇଲା ଏବଂ ସରକାରଙ୍କ ତହବିଲ୍‌ରୁ ଏତେ ପରିମାଣର ଅର୍ଥ କାହିଁକି ଅଯଥାରେ ଖର୍ଚ୍ଚ କରିବାର ନିଷ୍ପତ୍ତି ନିଆଗଲା। ଆଜକୁ ୩ ମାସ ହେଲା ଏଠାରେ ଅଧ୍ୟୟନରତ ୩୮୦ ଛାତ୍ରଛାତ୍ରୀ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି କ୍ଲାସ କରିପାରୁନାହାଁନ୍ତି। ଯଦି ସରକାର ହକି ପାଇଁ ତିନିମାସ ମଧ୍ୟରେ ସବୁ ଭିତ୍ତିଭୂମି ତିଆରି କରିପାରୁଛନ୍ତି ତେବେ ପିଲାମାନଙ୍କୁ ମୂଳ ଶାରୀରିକ ଶିକ୍ଷା ପ୍ରଦାନ କରୁଥିବା କ୍ଷେତ୍ରରେ ସହାୟକ ହେଉଥିବା ଏହି ଅନୁଷ୍ଠାନକୁ କାହିଁକି ଅଣଦେଖା କରୁଛନ୍ତି! ଏଠାରେ କ୍ରୀଡ଼ା ବିଭାଗର ସଚିବ ଶ୍ରୀ ବିଶାଳ ଦେବଙ୍କ ଭୂମିକାକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମସ୍ତ କଥାକୁ ଚିନ୍ତାକଲେ ଏହି ନିଷ୍ପତ୍ତିରେ ଏକ ବିରାଟ କିକ୍‌ବ୍ୟାକ୍ ଓ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡୁଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଏହି ଅନୁଷ୍ଠାନରେ ଶିକ୍ଷାରତ ୩୮୦ ଜଣ ଛାତ୍ରଛାତ୍ରୀ ବର୍ତ୍ତମାନ ଏକ ସନ୍ଦିହାନ ଅବସ୍ଥାରେ ଅଛନ୍ତି। କାରଣ ଯେଉଁ ଆପେକ୍ସ କଲେଜରେ ଏହି ଶିକ୍ଷାନୁଷ୍ଠାନ ଚାଲିବ ବୋଲି ନିଷ୍ପତ୍ତି ହୋଇଛି, ସେଠାରେ ଆବଶ୍ୟକୀୟ ଗୃହ, ଖେଳ ପଡ଼ିଆ ଓ ଆନୁସଙ୍ଗିକ ଭିତ୍ତିଭୂମି ନାହିଁ। ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଏହି ପରିପ୍ରେକ୍ଷୀରେ ନିଜ ନିଜର ପିଲାମାନଙ୍କର ଭବିଷ୍ୟତକୁ ନେଇ ବେଶ୍ ଚିନ୍ତା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଅଭିଭାବକ ମହାସଂଘର ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଆଇନ୍‌କୁ ହାତକୁ ନେବା ସହିତ ଏକ ବିରାଟ ଜନଆନ୍ଦୋଳନ ହେବ ବୋଲି ଉପସ୍ଥିତ ସହ ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଭୂମୋହନ ପଟ୍ଟନାୟକ, ସତ୍ୟବ୍ରତ ପରିଜା, ଶଙ୍କର ସାମନ୍ତରାୟ, ରାଜୀବ ପଟ୍ଟନାୟକ, ନୃସିଂହ ସାହୁ, ପୂଣ୍ୟଶ୍ଳୋକ ମହାନ୍ତି ଓ ରତିକାନ୍ତ ବିଶ୍ୱାଳ ପ୍ରମୁଖ ପ୍ରକାଶ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ପଥ୍ୱନ ମୁଞ୍ଜାଲଙ୍କୁ ଏସିଆ ପାସିଫିକ୍ ଗଲ୍ଫ ହଲ୍ ଅଫ୍ ଫେମ୍ ସମ୍ମାନ

ଭୁବନେଶ୍ୱର : ବିଶ୍ୱର ବୃହତ୍ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋ କର୍ପ ଲିଃ.ର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ପଥ୍ୱନ ମୁଞ୍ଜାଲଙ୍କୁ ଗଲ୍ଫ ଖେଳର ବିକାଶ ପାଇଁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସମ୍ମାନ ଜନକ ଏସିଆ ଗଲ୍ଫ ହଲ୍ ଅଫ୍ ଫେମ୍-୨୦୧୯ ସମ୍ମାନରେ ସମ୍ମାନୀତ କରାଯଇଛି।ବାହାମାସ୍ ସ୍ଥିତ ଆଲବାନିଠାରେ ହିରୋ ୱାର୍ଲ୍ଡ ଚ୍ୟାଲେଞ୍ଜ୍ ଅବସରରେ ଟାଇଗର ଉଡସ୍ଙ୍କ ନିମନ୍ତ୍ରଣ ରକ୍ଷା କରି ମୁଞ୍ଜାଲ୍ ସେଠାରେ ଯୋଗଦେଇଥିଲେ। ଏହି ସମ୍ମାନ ପ୍ରଦାନ ଉତ୍ସବରେ ଗଲ୍ଫର ଜ୍ୟାକ୍ ନିକ୍ଲାସ୍, ଗ୍ରେ ପ୍ଲେୟାର, ଡ. ଡେଭିଡ୍ ଚୁ ପ୍ରମୁଖ ଉପସ୍ଥିତ ଥିଲେ।ଗତ ୨୦ ବର୍ଷରୁ ଅଧିକ ସମୟ ଧରି ମୁଞ୍ଜାଲ୍ ଗଲ୍ଫର ବିକାଶ ପାଇଁ ବିଶ୍ୱବ୍ୟାପି ପ୍ରୟାସ ଜାରି ରଖିଛନ୍ତି। ତାଙ୍କର ଏଭଳି ଅବଦାନ ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି।ଏହି ଅବସରରେ ଏସିଆନ୍ ଗଲ୍ଫ ହଲ୍ ଅଫ୍ ଫେମ୍ ମାଲିକ ତଥା ଏସିଆ ପାସିଫିକ୍ ଗଲ୍ଫ ଗ୍ରୁପ୍ ର ସିଇଓ ମାଇକ୍ ସେବାଷ୍ଟିଆନ୍ କହିଲେ, ପଥ୍ୱନ ମୁଞ୍ଜାଲ୍ ଗଲ୍ଫ ର ବିକାଶ ପାଇଁ ବହୁ କାର୍ଯ୍ୟ କରିଛନ୍ତି। ବିଶ୍ୱ ସ୍ତରରେ ଗଲ୍ଫକୁ ପରିଚିତି ପାଇଁ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ। ସେ ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ମଧ୍ୟ ବହୁ କାର୍ଯ୍ୟ ସମ୍ପାଦିତ କରିଛନ୍ତି। ଏସିଆ ପାସିଫିକ୍ ଗଲ୍ଫ ହଲ୍ ଅଫ୍ ଫେମ୍ ସ୍ଥାୟୀ ଭାବେ ଚାଇନାର ଶେନ୍‌ଝେନ୍ ସ୍ଥିତ ଡ. ଡେଭିଡ୍ ଚୁ ଗଲ୍ଫ ମ୍ୟୁଜିୟମ୍‌ରେ ସ୍ଥାପିତ ହୋଇଛି। ଏନେଇ ଏକ ଉତ୍ସବ ୨୦୧୯ ନଭେମ୍ବର ୬ ତାରିଖରେ ଭାରତ ଗୁରୁଗ୍ରାମରେ ଏସିଆନ୍ ଗଲ୍ଫ ଆୱାର୍ଡ ଗାଲା ବଙ୍କେଟ୍‌ରେ ଅନୁଷ୍ଠିତ ହେବ। ପଥ୍ୱନ ମୁଞ୍ଜାଲ୍ ଫୁଟବଲ୍ ଗଲ୍ଫ ଏବଂ କ୍ରିକେଟର ବିକାଶ ପାଇଁ କାର୍ଯ୍ୟ ଜାରି ରଖିଛନ୍ତି।ଏସିଆରେ ଗଲ୍ଫର ବିକାଶ ପାଇଁ ଦୀର୍ଘଦିନର ଅବଦାନ ନିମନ୍ତେ ମୁଞ୍ଜାଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## ଆରଏଚଆଇ ମ୍ୟାଗ୍ନେସିଟା ପକ୍ଷରୁ କଟକ କାରଖାନାରେ ପରୀକ୍ଷାମୂଳକ ଉତ୍ପାଦନର ଶୁଭାରମ୍ଭ

ଭୁବନେଶ୍ୱର: ରିଫ୍ରାକ୍ଟରି ଉତ୍ପାଦ, ବ୍ୟବସ୍ଥା ଓ ସେବାର ବିଶ୍ୱ ସ୍ତରୀୟ ଯୋଗାଣକାରୀ ସଂସ୍ଥା ଆରଏଚଆଇ ମ୍ୟାଗ୍ନେସିଟା ପକ୍ଷରୁ ଓଡ଼ିଶାର କଟକ ଜିଲ୍ଲାର ଟାଙ୍ଗି ନିକଟରେ ନୂତନ ଭାବେ ଅଧିଗ୍ରହଣ କରାଯାଇଥିବା କାରଖାନାରେ ଆଜି ପରୀକ୍ଷାମୂଳକ ଉତ୍ପାଦନ ଆରମ୍ଭ କରାଯାଇଛି। ଆରଏଚଆଇ ମ୍ୟାଗ୍ନେସିଟାର ସିଇଓ, ଷ୍ଟେଫାନ ବୋରଗାସ୍‌ଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ କାରଖାନାରେ ପରୀକ୍ଷାମୂଳକ ଉତ୍ପାଦନ ଆରମ୍ଭ କରାଯାଇଛି। ଓଡ଼ିଶା ରାଜ୍ୟରେ ଏହି ବିଶ୍ୱ ସ୍ତରୀୟ ରିଫ୍ରାକ୍ଟରି ନିର୍ମାଣକାରୀ ସଂସ୍ଥାର ଏହା ପ୍ରଥମ କାରଖାନା ଏବଂ ଭାରତରେ ଏହା ହେଉଛି କଂପାନିର ପ୍ରଥମ ମ୍ୟାଗ୍ନେସିଆ କାର୍ବନ ଇଟା ଉତ୍ପାଦନକାରୀ କାରଖାନା।




"କଟକ କାରଖାନାରେ ଉତ୍ପାଦନର ଶୁଭାରମ୍ଭକୁ ନେଇ ମୁଁ ବହୁତ ଗର୍ବିତ। ଭାରତ ସରକାରଙ୍କ ତରଫରୁ ଡାକରା ଦିଆଯାଇଥିବା "ମେକ୍ ଇନ୍ ଇଣ୍ଡିଆ' ପ୍ରତି ଆମ ଆଗ୍ରହର ଫଳ ହେଉଛି ଏହି କାରଖାନା। ଏହି ନୂଆ କାରଖାନା ଅଧିକ ମୂଲ୍ୟଯୁକ୍ତ, ମାନୁଫାକଚରିଂ ଗଭୀରତା, ଉତ୍ତମ ଗୁଣର ଉତ୍ପାଦ ଏବଂ ବିଶ୍ୱ ସ୍ତରୀୟ ପ୍ରଯୁକ୍ତି ଆମ ଭାରତୀୟ ଗ୍ରାହକଙ୍କ ପାଇଁ ଆଣିବ ବୋଲି ଷ୍ଟେଫାନ ବୋରଗାସ୍, ସିଇଓ, ଆରଏଚଆଇ ମ୍ୟାଗ୍ନେସିଟା କହିଛନ୍ତି। ମନିଶ୍ରୀ ରିଫ୍ରାକ୍ଟରିଜ୍ ଆଣ୍ଡ୍ ସେରାମିକ୍ସ ପ୍ରାଇଭେଟ୍ ଲିମିଟେଡ୍ (ମନିଶ୍ରୀ) ଠାରୁ ଚଳିତ ବର୍ଷ ଅଗଷ୍ଟରେ ଆରଏଚଆଇ ମ୍ୟାଗ୍ନେସିଟା (ଆରଏଚଆଇଏମ) ଏହି କାରଖାନାକୁ ଅଧିଗ୍ରହଣ କରିଥିଲା। ଆରଏଚଆଇଏମର ଭାରତରେ ଥିବା ପବ୍ଲିକ ଲିଷ୍ଟେଡ୍ ସହଯୋଗୀ କଂପାନି ଓରିଏଂଟ୍ ରିଫ୍ରାକ୍ଟରିଜ୍ ଲିମିଟେଡ୍ ଜରିଆରେ ଏହି କାରଖାନା ସହିତ ଜମି, ମେସିନ, ଉପକରଣକୁ ୫.୫ ନିୟୁତ ୟୁରୋ (୪୫ କୋଟି ଟଙ୍କା)ରେ କିଣିବା ଲାଗି ମନିଶ୍ରୀ ସହିତ ସଂପତି କିଣା ବୁଝାମଣା ସ୍ୱାକ୍ଷର କରାଯାଇଥିଲା। ପରୀକ୍ଷାମୂଳକ ଉତ୍ପାଦନ ସଫଳ ହେବା ପରେ ଖୁବ୍‌ଶୀଘ୍ର ଏହି କାରଖାନାରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହେବ।

"କଟକ କାରଖାନାକୁ ଆମର ଭାରତରେ ଥିବା ମାନୁଫାକ୍‌ଚରିଂ ନେଟୱର୍କ ସହିତ ଯୋଡ଼ି କରି ଦେଖାଯିବ। ଏହା ଆମର ବିଶାଖାପାଟଣା (ଆନ୍ଧ୍ର ପ୍ରଦେଶ) ଓ ଭିବାଡ଼ି (ରାଜସ୍ଥାନ) କାରଖାନାର ନେଟ୍‌ୱର୍କ ସହିତ ପରିଚାଳିତ ହେବ। ଏହି ନେଟ୍‌ୱର୍କକୁ ସମର୍ଥନ ପ୍ରଦାନ କରିବ ଏକ ଷ୍ଟେଟ ଅଫ ଆର୍ଟ ଆରଆଣ୍ଡଡି ସେଂଟର ଯାହାକୁ ଏବେ ଭିବାଣ୍ଡି ଠାରେ ନିର୍ମାଣ କରାଯାଉଛି।'' ବୋଲି ଶ୍ରୀ ବୋରଗାସ୍ କହିଛନ୍ତି।ଏହି ଅବସରରେ ପ୍ରମୋଦ ସାଗର, ସିଇଓ, ଆରଏଚଆଇ ମ୍ୟାଗ୍ନେସିଟାର ଭାରତୀୟ କାରବାର, କହିଛନ୍ତି ଯେ, "ଭାରତରେ ଆମର ସ୍ୱଳ୍ପ ମିଆଦୀ ଓ ଦୀର୍ଘମିଆଦୀ ରଣନୀତି ସହିତ ଏହି କାରଖାନା ସଠିକ୍ ଭାବେ ଖାପଖାଉଛି। ଏହି କାରାଖାନା ମ୍ୟାଗ୍ନେସିଆ କାର୍ବନ ଇଟା ଉତ୍ପାଦନ କରିବ ଯାହା ପାଇଁ ଭାରତୀୟ ବଜାରରେ ବିପୁଳ ସୁଯୋଗ ରହିଛି ଏବଂ ଆଜି ପର୍ଯ୍ୟନ୍ତ ଆମ ପାଖରେ କୌଣସି ସ୍ଥାନୀୟ ଯୋଗାଣ ଉତ୍ସ ନାହିଁ। ଏହି କାରଖାନା ସେହି କ୍ଷେତ୍ରରେ ପହଂଚିବ ଏବଂ ଭାରତରେ ଆମର ଉପସ୍ଥିତିକୁ ଆହୁରି ସଂପ୍ରସାରିତ କରିବ।''ଆରଏଚଆଇଏମର ଭାରତୀୟ କାରବାର ବିଭାଗ ଏହି କାରଖାନାକୁ ସ୍ଥାନୀୟ ଓ କିଛି ରପ୍ତାନି ବଜାର ନିମନ୍ତେ ମ୍ୟାଗ୍ନେସିଆ କାର୍ବନ ଇଟା ଉତ୍ପାଦନ କରିବାକୁ ବ୍ୟବହାର କରିବ।

## ରେନୋ ପକ୍ଷରୁ ୧୦,୦୦୦ ତମ ଟ୍ରାଇବର ପ୍ରଦାନ

ମୁମ୍ବାଇ/ ଭୁବନେଶ୍ୱର(ପିଏନ)- : ରେନୋ, ଭାରତର ୧ ନମ୍ବର ୟୁରୋପିଆନ୍ ବ୍ରାଣ୍ଡ, ଏହାର ଶୁଭାରମ୍ଭର ମାତ୍ର ଦୁଇ ମାସ ମଧ୍ୟରେ ୧୦୦୦୧ତମ ଟ୍ରାଇବର କାରର ଡେଲିଭରି କରିଛି। ଏହି ଡେଲିଭରିକୁ କମ୍ପାନୀର ମୁମ୍ବାଇ ଡିଲରସିପ୍ ବେଂଚମାର୍କ ମୋଟର୍ସରେ କରାଯାଇଛି। ଭାରତରେ ଆହ୍ୱାନମୂଳକ ମାକ୍ରୋ-ଇକୋନୋମିକ୍ ପରିବେଶ ସତ୍ୱେ ରେନୋ ଟ୍ରାଇବର ଏହାର ପ୍ରଗତିକୁ ସୁନିଶ୍ଚିତ କରିପାରିଛି। ଅକ୍ଟୋବର ୨୦୧୯ରେ କମ୍ପାନୀ ୧୧,୫୧୬ଟି କାର୍ ବିକ୍ରୟ କରିଛି ଓ ଗତ ବର୍ଷ ତୁଳନାରେ ୬୩% ର ବୃଦ୍ଧି ହାସଲ କରିପାରିଛି।

ରେନୋ ଟ୍ରାଇବର ହେଉଛି ଏକ ଆକର୍ଷଣୀୟ ଡିଜାଇନ୍‌ଯୁକ୍ତ, ସ୍ପେସିୟସ ଓ ମଡୁଲାର ଗାଡ଼ି ଯେଉଁଥିରେ ୪ ମିଟର ମଧ୍ୟରେ ଏକରୁ ସାତ ଜଣ ବୟସ୍କ ଲୋକ ଅତ୍ୟନ୍ତ ଆରାମରେ ବସି ପାରିବେ। କାର କ୍ରେତାମାନଙ୍କ ମଧ୍ୟରେ ଏହା ବହୁତ ଲୋକପ୍ରିୟ ହୋଇପାରିଛି ଓ ରେନୋ ଟ୍ରାଇବରର ଏହି ଗାଡ଼ିରେ ସେମାନେ ସମସ୍ତ ପ୍ରକାର ସୁବିଧାର ଲାଭ ଉଠାଇ ପାରୁଛନ୍ତି।

ଚଳିତ ପାର୍ବଣ ଋତୁରେ ରେନୋ ଇଣ୍ଡିଆ ଏକ ଉତ୍କୃଷ୍ଟ ଶୁଭାରମ୍ଭ କରିପାରିଛି ଓ ଆମେ ଏଥିପାଇଁ ଆମର ଗ୍ରାହକମାନଙ୍କ ନିକଟରେ କୃତଜ୍ଞ ଯେଉଁମାନେ ରେନୋ ଟ୍ରାଇବରଙ୍କୁ ଅସୀମ ଭଲ ପାଇବା ପ୍ରଦାନ କରିଛନ୍ତି। ଆମେ ୧୦୦୦୦ କାର୍ ର ଡେଲିଭରି କରିସାରିଛୁ ଓ ଆହୁରି ଅନେକ ବୁକିଂ ମଧ୍ୟ ରହିଛି। ଉତ୍ପାଦନକୁ ତ୍ୱରାନ୍ୱିତ କରିବା ପାଇଁ ଆମେ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରୁଛୁ ଯଦ୍ୱାରା ସଠିକ ସମୟରେ ଡେଲିଭରି ପ୍ରଦାନ କରାଯାଇପାରିବ। ମେଟ୍ରୋ ସହରମାନଙ୍କରେ ତଥା ଗ୍ରାମୀଣ ମାର୍କେଟ୍‌ରେ ମଧ୍ୟ ରେନୋ ଟ୍ରାଇବରକୁ ବ୍ୟାପକ ଭାବରେ ଆଦୃତି ମିଳିପାରିଛି ଓ ଆମେ ଏଠାରେ ଆମର ସ୍ଥିତିକୁ ମଜ୍‌ବୁତ୍ କରିବା ପାଇଁ ଉପଯୁକ୍ତ ପଦକ୍ଷେପମାନ ଗ୍ରହଣ କରୁଛୁ ବୋଲି କହିଛନ୍ତି ଭେଙ୍କଟରାମ ମାମିଲାପାଲ୍ଲେ, କଂଟ୍ରି ସିଇଓ ଓ ମ୍ୟାନେଜିଂ ଡାଇରେକ୍ଟର, ରେନୋ ଇଣ୍ଡିଆ ଅପରେସନ୍‌ସ

ଟ୍ରାଇବର ସହିତ ରେନୋ ଆଉ ଏକ କାରକୁ ସଫଳତା ପୂର୍ବକ ଭାରତୀୟ ବଜାରରେ ଉପସ୍ଥାପିତ କରିପାରିଛି। ରେନୋ ଟ୍ରାଇବର ନିଶ୍ଚିତ ରୂପେ ଏକ ଗେମ୍-ଚେଞ୍ଜର ଯାହାର ପରିକଳ୍ପନା, ବିକାଶ ଓ ଉତ୍ପାଦନ ଭାରତରେ କେବଳ ଭାରତୀୟ ଗ୍ରାହକମାନଙ୍କ ପାଇଁ କରାଯାଇଛି।

## କଗ୍ନିଏବଲ ଏବଂ ବ୍ରେନ୍ ଟ୍ରି ପକ୍ଷରୁ "ଅର୍ଟିଜିମ୍ ସ୍ପେକ୍ଟ୍ରମ୍ ଡିସ୍ ଅର୍ଡର ଓ ଏବିଏ ଇନ୍ଟରଭେନସନ୍" କର୍ମଶାଳା

ଭୁବନେଶ୍ୱର: ସ୍ଥାନୀୟ କିମ୍ସ ଅଡିଟୋରିୟମ୍‌ଠାରେ ଅର୍ଟିଜିମ୍ ସ୍ପେକ୍ଟ୍ରମ୍ ଡିସ୍‌ଅର୍ଡର ଓ ଏବିଏ ଇନ୍ଟରଭେନସନ୍ ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଛି। ୧୦୦ରୁ ଉର୍ଦ୍ଧ୍ୱ ସ୍କୁଲ ଛାତ୍ରଛାତ୍ରୀ, ଅଭିଭାବକ, ଚିକିତ୍ସକ, ଏବଂ ରିହାବିଲିଟେସନ୍ ପ୍ରଫେସନାଲ ଉପସ୍ଥିତିରେ ବିଶ୍ୱର ସ୍ୱନାମଧନ୍ୟ ବିଶେଷଜ୍ଞ ଡ଼ଃ ଜୋସୁଆ କେ ପ୍ରିଟ୍‌କାର୍ଡ, କଗନିଏବ୍‌ଲ୍‌ର ପ୍ରତିଷ୍ଠାତା ମନୁ କୋହଲୀ, ପେଡିଆଟ୍ରିକ୍ ବିଶେଷଜ୍ଞ ଦେବାଶିଷ ପାଣିଗ୍ରାହୀ ଆଦି ଯୋଗ ଦେଇ ଅର୍ଟିଜିମ୍‌ର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ଦି ବ୍ରେନ୍ ଟ୍ରି ଏବଂ କଗନିଏବଲ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଅର୍ଟିଜିମ୍‌ର ପ୍ରଥମରୁ ଡାଇଗ୍ନୋସିସ୍ ଉପରେ ଜୋର ଦିଆଯାଇଥିଲା ଯାହାକି ଶିଶୁର ରିହାବିଲିଟେସନ୍ ପ୍ରକ୍ରିୟାର ଏକ ମୁଖ୍ୟ ସୋପାନ ଆପ୍ଲାଏଡ୍ ବିହେଭିୟର ଆନାଲିସିସ୍(ଏବିଏ) ପରି ଏଭିଡେନସ୍ ବେସଡ ଥେରାପି ଶିଶୁମାନଙ୍କ ପାଖରେ ଖୁବ୍ ଚମତ୍କାର ଫଳ ପ୍ରଦାନ କରିଛି। କିନ୍ତୁ ଭାରତରେ ଏହି ଥେରାପୀ ଖୁବ୍ ଖର୍ଚ୍ଚଦାୟକ ତେଣୁ କଗ୍ନିଏବଲ ଏବଂ ବ୍ରେନ୍ ଟ୍ରି ଭୁବନେଶ୍ୱରରେ ଏହି ଏବିଏ ସର୍ଭିସ୍‌କୁ ଡିଜିଟାଲ ପ୍ଲାଟଫର୍ମରେ ସ୍କୁଲ, କ୍ଲିନିକ୍ ଏବଂ ଘରମାନଙ୍କରେ ପହଂଚାଇବାର ପ୍ରୟାସ କରିଛି।

## ଭିଭୋ ଭାରତ ପରିବାରରେ ସାମିଲ ହେଲେ ୨୦୦୦ କର୍ମଚାରୀ-ନୂତନ ଉତ୍ପାଦନ କେନ୍ଦ୍ରରେ ବାର୍ଷିକ ୮.୪ ମିଲିଅନ ଉତ୍ପାଦନର ଶୁଭାରମ୍ଭ

ଭୁବନେଶ୍ୱର-ବିଶ୍ୱର ଅଗ୍ରଣୀ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ୭୫୦୦ କୋଟି ନିବେଶ ଯୋଜନାରେ ଉତର ପ୍ରଦେଶରେ ଏହାର ନୂତନ ଉତ୍ପାଦନ କେନ୍ଦ୍ରର ପ୍ରଥମ ଫେଜର ଘୋଷଣା କରାଯାଇଛି । ବର୍ତମାନ ଭିଭୋ ଇଣ୍ଡିଆ ୨୫ ମିଲିଅନ ୟୁନିଟ ଉତ୍ପାଦନ କରୁଅଛି । ଏହି ନୂତନ କେନ୍ଦ୍ରରେ ଉତ୍ପାଦନ ସମ୍ପ୍ରସାରଣ କରି ଭିଭୋ ବାର୍ଷିକ ୩୩ ମିଲିଅନ ୟୁନିଟ ଉତ୍ପାଦନ କରିପାରିବ ।

ନୋଏଡା ସ୍ଥିତ ନୂତନ ଉତ୍ପାଦନ କେନ୍ଦ୍ରରେ ସମ୍ପ୍ରସାରଣର ପ୍ରଥମ ଚରଣରେ ଭିଭୋ ୨୦୦୦ରୁ ଉର୍ଦ୍ଧ୍ୱ ନୂତନ କର୍ମଚାରୀଙ୍କୁ ସାମିଲ କରିଛି । କମ୍ପାନୀ ପକ୍ଷରୁ ଦ୍ୱିତୀୟ ଚରଣ ସମ୍ପ୍ରସାରଣ ରେ ଅଧିକ ୫୦୦୦ କର୍ମଚାରୀ ସାମିଲ କରାଇବା ପାଇଁ ଯୋଜନା ରହିଛି । ଏଥିସହିତ ସମୁଦାୟ କର୍ମଚାରୀ ସଂଖ୍ୟା ୧୫୦୦୦ କୁ ବୃଦ୍ଧି ପାଇବ । ଏହି ନିବେଶ ଦ୍ୱାରା ଭିଭୋ ଉତର ପ୍ରଦେଶ ର ସବୁଠାରୁ ବଡ ନିବେଶକ ହୋଇପାରିଛି ।

ଏହି ଘୋଷଣା ଉପରେ ମନ୍ତବ୍ୟ ରଖି ଭିଭୋ ଇଣ୍ଡିଆର ବ୍ରାଣ୍ଡ୍ ଷ୍ଟ୍ରାଟେଜି ନିର୍ଦ୍ଦେଶକ ନିପୁନ୍ ମାରୟା କହିଛନ୍ତି, "ଆମେ ମେକ ଇନ ଇଣ୍ଡିଆ ସହ ୨୦୧୪ ମସିହାଠାରୁ ସମ୍ପୁର୍ଣ୍ଣ ଭାବରେ ସାମିଲ ଅଛୁ । ନୋଏଡା ସ୍ଥିତ ନୂତନ ଉତ୍ପାଦନ କେନ୍ଦ୍ର ସହାୟତାରେ ଭାରତରେ ବଢୁଥିବା ଚାହିଦା ମେଂଟାଇ ପରିବୁ । ଭିଭୋ ଇଣ୍ଡିଆ ପରିବାରରେ ୨୦୦୦ ନୂତନ ସଦସ୍ୟ ଙ୍କୁ ଆମେ ସ୍ୱାଗତ କରୁଛୁ ।"

ଭିଭୋ ଇଣ୍ଡିଆ ପକ୍ଷରୁ ଭାରତର ସ୍ମାର୍ଟଫୋନ ବଜାରରେ ନିଜ ସ୍ଥିତି କୁ ସୁଦୃଢ କରିବା ପାଇଁ କ୍ରମାଗତ ପ୍ରୟାସ ଚାଲିଛି । ସଦ୍ୟ ପ୍ରକାଶିତ କାଉଂଟର ପଏଂଟ କ୍ୟୁ ୩, ୨୦୧୯ ରିପୋର୍ଟରେ ଭାରତର ସ୍ମାର୍ଟଫୋନ ବଜାରରେ ଭିଭୋ ର ଭାଗ ୧୭ ପ୍ରତିଶତ ଦର୍ଶାଯାଇଛି । ଭିଭୋ ର ଏସ୧ ଏବଂ ୱାଇ୧୭ ହ୍ୟାଣ୍ଡସେଟର ଉଚ୍ଚ ପ୍ରଦର୍ଶନ ଏବଂ ନିକଟରେ ଲଂଚ ହୋଇଥିବା ୟୁ୧୦,ଜେଡ୧ଏକ୍ସ ଏବଂ ଜେଡ୧ପ୍ରୋ ବେଶ ଆଦୃତ ହୋଇପାରିଛି ।

## ବିଗ୍ ବଜାର ପକ୍ଷରୁ ପ୍ଲାଷ୍ଟିକ୍ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର: ଫ୍ୟୁଚର ଗ୍ରୁପର ପ୍ରମୁଖ ବ୍ରାଣ୍ଡ ବିଗ୍ ବଜାର ୟୁନାଇଟେଡ଼ ନେସନସ୍ ଡ଼େଭଲପମେଣ୍ଟ ପ୍ରୋଗ୍ରାମ (ୟୁଏନ୍‌ଡିପି) ଏବଂ ହିନ୍ଦୁସ୍ଥାନ କୋକାକୋଲା ବେଭେରେଜସ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ସିବିପିଏଲ) ସହ ହାତ ମିଳାଇ ପ୍ଲାଷ୍ଟିକର ସଦବ୍ୟବହାର ଏବଂ ଏହାର ପୃଥକୀକରଣ ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ 'ପ୍ଲାଷ୍ଟିକ୍ ଭରୋ-ରିସାଇକେଲ କରୋ' ଶୀର୍ଷକ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନ ସେପ୍ଟେମ୍ବର ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ଭୁବନେଶ୍ୱର ମ୍ୟୁନିସିପାଲଟି କର୍ପୋରେସନ୍ କମିଶନର ଶ୍ରୀ ପ୍ରେମ ଚନ୍ଦ୍ର ଚୌଧୁରୀ(ଆଇଏଏସ୍), ଆଡିସନାଲ କମିଶନର ଶୁରଥ ଚନ୍ଦ୍ର ମଲ୍ଲିକ୍, ଡେପୁଟି କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁ, ଷ୍ଟେଟ୍ ପଲ୍ୟୁସନ୍ କନ୍ଟ୍ରୋଲ ବୋର୍ଡ ଓଡିଶାର ବରିଷ୍ଠ ବୈଜ୍ଞାନିକ ଶ୍ରୀ ବି.କେ. ନାୟକ, ୟୁନାଇଟେଡ୍ ନେସନ ଡେଭଲପମେଣ୍ଟ ପ୍ରୋଗ୍ରାମର ଡେପୁଟି ରେସିଡେନ୍ଟ ରିପ୍ରେଜେନ୍ଟେଟିଭ୍ ନାଦିଆ ରସିଦ୍, ଡେପୁଟି ଡାଇରେକ୍ଟର ରାକେଶ କୁମାରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।

ସରକାରଙ୍କ ପକ୍ଷରୁ ପ୍ଲାଷ୍ଟିକ ବର୍ଜ୍ୟ ପରିଚାଳନା ଏବଂ ଏହାର ସଠିକ୍ ପୃଥକୀକରଣ ନିମନ୍ତେ ଦିଆଯାଇଥିବା ଆହ୍ୱାନକୁ ଲକ୍ଷ୍ୟରେ ରଖି ପ୍ଲାଷ୍ଟିକ୍ ଭରୋ ରିସାଇକେଲ୍ କରୋ ଅଭିଯାନ ଆରମ୍ଭ ହୋଇଛି। ୟୁଏନ୍‌ଡିପି ଏବଂ ଏଚ୍‌ସିବି ଦ୍ୱାରା ଦେଶର ୨୦ଟି ସହରରେ ଆଗରୁ ଚାଲୁଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମକୁ ବିଗ୍ ବଜାରର ଏହି ଅଭିଯାନ ତ୍ୱରାନ୍ୱିତ କରିବ। ଏହି ଅଭିଯାନ ମାଧ୍ୟମରେ ଦେଶର ୫୦ଟି ସହରରୁ ୮୫୦୦୦ ମେଟ୍ରିକ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନର ଗାଇଡ଼ ଲାଇନ ଅନୁସାରେ ଏକ ସୋସିଓ ଟେକ୍‌ନିକାଲ୍ ମଡ଼େଲ (ସେଗ୍ରିଗେସନ/କଲେକସନ/ରିସାଇକ୍ଲିଂ) ମାଧ୍ୟମରେ ଏହି ପ୍ଲାଷ୍ଟିକ ବର୍ଜ୍ୟର ସଠିକ୍ ବ୍ୟବହାର କରାଯିବ। ୨୦୩୦ ମସିହା ମଧ୍ୟରେ ଏକ ସମାନ୍ତରଣ ଓ ସୁରକ୍ଷିତ ପୃଥିବୀ ପ୍ରସ୍ତୁତ କରିବା ଲକ୍ଷ୍ୟରେ ସାରା ବିଶ୍ୱରେ ରଖାଯାଇଥିବା ୧୭ଟି ସସଟେନେବଲ ଡ଼େଭଲପମେଣ୍ଟ ଗୋଲ ମଧ୍ୟରୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୪ଟି ଗୋଲକୁ ପୂରଣ କରାଯାଇପାରିଛି ।

ଏହି କାର୍ଯ୍ୟକ୍ରମ ମାଧମରେ ବିଗ୍ ବଜାର ସହ ସହଯୋଗୀତା ବିଷୟରେ ୟୁଏନ୍‌ଡିପିର ଇଣ୍ଡିଆନ ରେସିଡ଼େନ୍ଟ ରିପ୍ରେଜେନ୍ଟେଟିଭ ଶୋକା ନୋଡ଼ା କହିଲେ ବିଗ ବଜାର ଓ ଭୁବନେଶ୍ୱର ମ୍ୟୁନିସିପାଲଟି କର୍ପୋରେସନ ସହ ମିଳିତ ଭାବେ ଆରମ୍ଭ ହୋଇଥିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଲା ପ୍ଲାଷ୍ଟିକ ବର୍ଜ୍ୟ ବସ୍ତୁ ପରିଚାଳନା ସମ୍ବନ୍ଧରେ ଜନ ସଚେତନତା ସୃଷ୍ଟି କରିବା।

## ହିମାଳୟ ପ୍ୟୁରିଫାଇଙ୍ଗ ନିମ ଫେସୱାସ ପକ୍ଷରୁ ଭୁବନେଶ୍ୱରରେ ସର୍ବ ଭାରତୀୟ ଅଭିଯାନ "ମାଇଁ ଫାର୍ଷ୍ଟ ପିମ୍ପଲ" ର ତୃତୀୟ ପର୍ଯ୍ୟାୟ



ଭୁବନେଶ୍ୱର: ଭାରତର ଅଗ୍ରଣୀ ଫେସୱାସ ବ୍ରାଣ୍ଡ ହିମାଳୟାନ ପ୍ୟୁରିଫାଇଙ୍ଗ ନିମ ଫେସ ୱାସ ପକ୍ଷରୁ ଅଭିଯାନ "ମାଇଁ ଫାର୍ଷ୍ଟ ପିମ୍ପଲ" ର ତୃତୀୟ ପର୍ଯ୍ୟାୟ ସାନ୍ତନୁ ଇଂରାଜୀ ମିଡିୟମ ବିଦ୍ୟାଳୟରେ ଆୟୋଜିତ ହୋଇଛି । "ମାଇଁ ଫାର୍ଷ୍ଟ ପିମ୍ପଲ" ଅଭିଯାନ ଏକ ସ୍ୱତନ୍ତ୍ର ପଦକ୍ଷେପ ଯାହା ୧୩-୧୪ ବର୍ଷର କିଶାରୀ ମାନଙ୍କ ସହ ସଂଯୋଗ ସ୍ଥାପନ କରି ସେମାନଙ୍କ ବର୍ଦ୍ଧିଷ୍ଣୁ ଅବସ୍ଥାରେ ସେମାନେ ସାମ୍ନା କରୁଥିବା ବ୍ରଣ ସମସ୍ୟା ସମେତ ମାନସିକ ଏବଂ ଶାରିରୀକ ସମସ୍ୟା ଗୁଡ଼ିକୁ ସମାଧାନ କ୍ଷେତ୍ରରେ ପ୍ରୋତ୍ସାହିତ କରିବାର ଉଦ୍ଦେଶ୍ୟ ରଖିଥାଏ । ଭୁବନେଶ୍ୱର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାନ୍ତନୁ ଇଂରାଜୀ ମିଡିୟମ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଅତିଥି ବକ୍ତା ଭାବେ ଆନ୍ତର୍ଜାତୀୟ କରାଟେ ପ୍ରଶିକ୍ଷକ ଭାଲେନା ଭାଲେଣ୍ଟିନା, ହିମାଳୟ ଡ୍ରଗ କମ୍ପାନୀ, ଉପଭୋକ୍ତା ଉତ୍ପାଦ ବିଭାଗ, ଫେସ ୱାସ ବ୍ରାଣ୍ଡର ପରିଚାଳକ, କିର୍ତ୍ତୀକା ଦାମୋଧରନ ମଧ୍ୟ ଉପସ୍ଥିତ ଥିଲେ । ଏହି ବ୍ୟସ୍ତତାମୟ ଅଧିବେସନ ମାଧ୍ୟମରେ ଭାଲେନା ଛାତ୍ରଛାତ୍ରୀ ମାନଙ୍କ ସହ ଯୋଡ଼ି ହୋଇଥିଲେ ଏବଂ ସେ କିଭଳି ନିଜର କିଶୋର ଅବସ୍ଥାରେ ସବୁବେଳେ ସକାରାତ୍ମକ ରହିବାର ପ୍ରୟାସ କରୁଥିଲେ ଏବଂ କୌଣସି ବାଧାବିଘ୍ନରେ ମଧ୍ୟ ଭାଙ୍ଗି ପଡୁନଥିଲେ ସେହି ବିଷୟରେ ବର୍ଣ୍ଣନା କରିଥିଲେ । ଏହି ସ୍ୱତନ୍ତ୍ର ପଦକ୍ଷେପ ସହ ନିଜର ସଂଯୋଗ ସମ୍ପର୍କରେ ଭାଲେନା ଭାଲେଣ୍ଟିନା କହିଛନ୍ତି, "ପ୍ରତ୍ୟେକ ନିଜର ଗଠନାତ୍ମକ ଅବସ୍ଥାରେ ଏହି ବ୍ରଣ ଜନିତ ସମସ୍ୟାକୁ ଅନୁଭୂତି କରନ୍ତି ଏବଂ ରୂପ ଚେହେରାର କ୍ରମାଗତ ବ୍ୟସ୍ତତା ସେମାନଙ୍କ ମନୋବଳକୁ ମଧ୍ୟ ପ୍ରଭାବିତ କରିଥାଏ ।

## କ୍ରେଡାଇ ଭୁବନେଶ୍ୱର ପକ୍ଷରୁ କୌଶଳ ବିକାଶ କାର୍ଯ୍ୟକ୍ରମ




ଭୁବନେଶ୍ୱର: ସ୍ଥାନୀୟ ଜନତା ମଇଦାନଠାରେ ଚାଲିଥିବା ହୋମ୍ ଆଣ୍ଡ ଡେକୋର ଏବଂ ଇଣ୍ଡିଆ ଇନ୍ଟରନ୍ୟାସନାଲ ଟ୍ରେଡ ଫେୟାରଠାରେ କ୍ରେଡାଇ ଭୁବନେଶ୍ୱର ପକ୍ଷରୁ ରିୟଲି ଇଷ୍ଟେଟ୍ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ପେସାଦାର କର୍ମୀମାନଙ୍କ ନିମନ୍ତେ ଏକ କୌଶଳ ବିକାଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରପର୍ଟି ବ୍ରାଣ୍ଡସ୍ ରିୟଲଟି ସର୍ଭିସେସ୍ ପକ୍ଷରୁ ପରିଚାଳିତ ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କ୍ରେଡାଇ ଭୁବନେଶ୍ୱର ପକ୍ଷରୁ କ୍ରେଡାଇ ନ୍ୟାସନାଲ ପ୍ରତିଷ୍ଠାତା ସଦସ୍ୟ ସୁଭାଷ ଚନ୍ଦ୍ର ଭୁରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। କ୍ରେଡାଇ ଭୁବନେଶ୍ୱରର ଉପ ସଭାପତି ସୂର୍ଯ୍ୟକାନ୍ତ ନନ୍ଦ ଉପସ୍ଥିତ ରହି ସ୍ୱଚ୍ଛ ମାନବ ସମ୍ବଳ ଓ କାର୍ଯ୍ୟଦକ୍ଷତା ମଧ୍ୟରେ ଥିବା ଦୂରତା ମଧ୍ୟରେ କିପରି ଭାବରେ ରିୟଲି ଇଷ୍ଟେଟ୍ କ୍ଷେତ୍ରରେ ଅଧିକରୁ ଅଧିକ କାର୍ଯ୍ୟ କରାଯାଇପାରିବ ଏବଂ ଅଧିକ ଉତ୍ପାଦନ କ୍ଷମ ହୋଇପାରିବ ବୋଲି ଆବଶ୍ୟକୀୟ ଜ୍ଞାନ କୌଶଳ ପ୍ରଦାନ ସମ୍ବନ୍ଧରେ କହିଥିଲେ।

## ରୟାଲ ଷ୍ଟାଗ୍ ବ୍ୟାରେଲର ରାଜ ସିଂ ଚୌଧୁରୀଙ୍କ ଲାର୍ଜସଟ୍ ଫିଲ୍ମ "ଦି ଲାଷ୍ଟ ଚାପ୍ଟର"

ଭୁବନେଶ୍ୱର : ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ଲାର୍ଜସଟ୍ ଫିଲ୍ମ "ଦି ଲାଷ୍ଟ ଚାପ୍ଟର" ର ଉପସ୍ଥାପନା କରୁଛନ୍ତି । ବଲିଉଡର ନାମୀ ଅଭିନେତା ରାଜ ସିଂ ଚୌଧୁରୀ ଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ କେ.କେ. ମେନନ୍ ରହିଛନ୍ତି । ଏହି ଚଳଚ୍ଚିତ୍ରରେ ଜଣେ ପିତା ଏବଂ ଝିଅ ମଧ୍ୟରେ ଥିବା ଏକ ଦୁଃଖ ଦାୟକ ଓ ଜଟିଳ ସଂପର୍କକୁ ପ୍ରଦର୍ଶନ କରାଯାଇଛି । ଭୁଲରେ ହଉ ଅଥବା ରାଗରେ ନାୟକ ଦେଖାଇଥିବା ବିରୋଧାଭାଷ ଏଥିରେ ଦର୍ଶକଙ୍କୁ ଏହା ଚିନ୍ତା କରିବାକୁ ଦେଉଛି ଯେ, ଆମେ ନେଉଥିବା ପଦକ୍ଷେପ କିଭଳି ଆମ ଚାରିପାଖରେ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରୁଛି, ତାହା ଏହି ଫିଲ୍ମରେ କେ.କେ. ମେନନ୍ ପ୍ରତିପାଦିତ କରିଛନ୍ତି ।

ଚଳଚ୍ଚିତ୍ରର କାହାଣୀର ରଚୟିତା ଚଳିତ ବର୍ଷର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହେଇଛନ୍ତି । "ଦି ଲାଷ୍ଟ ଚାପ୍ଟର" ର ମୁଖ୍ୟ ଚରିତ୍ର ହେଉଛନ୍ତି ଡ. ବିନାୟକ ସତ୍ୟା ଯେ କି ଜଣେ ଜଣାଶୁଣା ସାମାଜିକ କର୍ମୀ ସର୍ବଦା ମହିଳା ମାନଙ୍କ ସମସ୍ୟା ବିଷୟରେ ସ୍ୱର ଉତୋଳନ କରନ୍ତି । ଚଳଚ୍ଚିତ୍ରର ଅନ୍ୟ ଜଣେ ଚରିତ୍ର "ରୋଶନୀ" ଯେ କି ଡ.ସତ୍ୟା ଙ୍କ ଜଣେ ଅବୈଧ କନ୍ୟା ଏବଂ ଜଣେ ଯୌନକର୍ମୀ । ଜୀବନର ଅନେକ ଘଟଣା ଚକ୍ରରେ ରୋଶନୀର ଡ.ସତ୍ୟାଙ୍କ ସହ ମୁହାଁମୁହିଁ ହୁଏ, ଯେଉଁଥିରେ ବାଙ୍ଗଲାଦେଶୀ ପ୍ରବାସୀଙ୍କ ପ୍ରତି ରହିଥିବା ଡ.ସତ୍ୟାଙ୍କର ନୈତିକତାର ଅଭାବ ବାରି ହୋଇଯାଏ ।

ଏହି ସଂପର୍କରେ ପରନୋଡ ରିକାର୍ଡ ଇଣ୍ଡିଆର ମୁଖ୍ୟ ବିପଣନ ଅଧିକାରୀ କାର୍ତିକ ମହିନ୍ଦ୍ରା କୁହନ୍ତି ଯେ, କ୍ଷୁଦ୍ର ଚଳଚିତ୍ର ଶିଳ୍ପର ନାଟକୀୟ ଅଭିବୃଦ୍ଧି ଘଟିଛି । ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ଲାର୍ଜସଟ୍ ଫିଲ୍ମ ଦର୍ଶକଙ୍କ ମଧ୍ୟରେ ପରିବର୍ତନ ଆଣିବାରେ ଆଗରେ ରହିବ । ଆମର ପ୍ଲାଟଫର୍ମରେ "ଦି ଲାଷ୍ଟ ଚାପ୍ଟର" ର ଶୁଭ ମୁକ୍ତିକୁ ନେଇ ବେଶ୍ ଉତ୍ସାହିତ ।

ରୟାଲ ଷ୍ଟାଗ୍ ବ୍ୟାରେଲ୍ 'ମେକ୍ ଇଟ୍ ପରଫେକ୍ଟ' ଉପରେ ବିଶ୍ୱାସ କରିଥାଏ। ଏହା ବଲିଉଡ୍‌ର ସୃଜନଶୀଳ ନିର୍ଦ୍ଦେଶକଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରୟାଲ ଷ୍ଟାଗ୍ ବ୍ୟାରେଲ୍ ଏକ ସଫଳ ପ୍ଲାଟଫର୍ମ ଭାବରେ ବେଶ୍ ଖ୍ୟାତି ହାସଲ କରିପାରିଛି ଏବଂ ଫିଲ୍ମ ନିର୍ମାତାଙ୍କୁ ପ୍ରୋତ୍ସାହିତ କରିପାରୁଛି।

ରୟାଲ୍‌ଷ୍ଟାଗ୍ କ୍ଷୁଦ୍ର ଫିଲ୍ମ ଶୁଭମୁକ୍ତ କାର୍ଯ୍ୟ ଜାରି ରଖିଛି। ଇତି ମଧ୍ୟରେ ଏହା ଦ୍ୱାରା ଅହଲ୍ୟା, ଇଂଟରିଅର୍ କେଫ୍-ନାଇଟ୍, ଓଉଚ୍, ଚଟ୍‌ନି, ଅନୁକୂଳ, ମୁମ୍ବାଇ ବାରାଣସୀ ଏକ୍ସପ୍ରେସ୍, ଖୁଲ୍ ୱାଲି ଚିଠି, ଦି ସ୍କୁଲ ବ୍ୟାଗ୍, ବ୍ରୁନୋ ଆଣ୍ଡ୍ ଜୁଲିଏଟ୍, ଶୁନ୍ୟତା, ଜୁଇସ୍, ମା', ଚୁରୀ, ହର୍ ଫାଷ୍ଟ୍ ଟାଇମ୍, ଇକତରଫା ଆଦି ଚଳଚ୍ଚିତ୍ର ଶୁଭମୁକ୍ତି ହୋଇ ପାରିଛି।

## ଇନଫୋସିସ ଫିନାକେଲ ଡିଜିଟାଲ ବ୍ୟାଙ୍କ ପକ୍ଷରୁ ଶିବାଲିକ ବ୍ୟାଙ୍କରେ କ୍ଲାଉଡ ପ୍ରଯୁକ୍ତିର ବ୍ୟବହାର

ଭୁବନେଶ୍ୱର : ଏଜଭର୍ବେ ସିଷ୍ଟମର ଅଂଶ ଇନଫୋସିସ ଫିନାକେଲ ଯାହା ଇନଫୋସିସର ଏକ ପୂର୍ଣ୍ଣ ସହାୟକ କମ୍ପାନୀ, ଶିବାଲିକ ମର୍କାଣ୍ଟାଇଲ କୋଅପରେଟିଭ ବ୍ୟାଙ୍କ ଲିମିଟେଡ ସହ ମିଶି କ୍ଲାଉଡ ମାଧ୍ୟମରେ ଏହା ଫିନାକେଲ ଡିଜିଟାଲ ବ୍ୟାଙ୍କିଙ୍ଗ ସୁଟର ସ୍ଥାପନା କରିଛି । ଏହା ବ୍ୟାଙ୍କର ଆବଶ୍ୟକତା ସହ ବଢୁଥିବା ଉତ୍ପାଦ ଏବଂ ସେବାକୁ ସିଠିକ ରୂପେ ପରିଚାଳନା କରିବା ପ୍ରତି ଗ୍ରାହକଙ୍କୁ ଏକ ଅବିରତ ସେବାର ଅନୁଭବ ପ୍ରଦାନ କରିବ ।ଏକ ସବକ୍ରିପସନ ଭାବେ, ଏହି ସେବାରେ ଫିନାକେଲ କୋର ବ୍ୟାଙ୍କିଙ୍ଗ ଏବଂ ଫିନାକେଲ ଡିଜିଟାଲ ଚ୍ୟାନେଲ ସହ ମୋବାଇଲ ଏବଂ ଇଣ୍ଟରନେଟ ବ୍ୟାଙ୍କିଙ୍ଗ ସେବା ମିଳି ପାରୁଛି । ବର୍ତ୍ତମାନ ସୁଧା ଏହି ସୁବିଧାକୁ ୩ ଲକ୍ଷରୁ ଉର୍ଦ୍ଧ ଗ୍ରାହକ ଆପଣାଇ ସାରିଛନ୍ତି । ବ୍ୟାଙ୍ଗ ବର୍ତ୍ତମାନ ଏହାର ବ୍ୟାଙ୍କିଙ୍ଗ ପ୍ଲାଟଫର୍ମକୁ କ୍ୟାପିଟାଲ ଏକ୍ସପେନ୍ସ ମଡେଲରୁ ଅପରେସନାଲ ଏକ୍ସପେନ୍ସ ସେବା ମଡେଲକୁ ପରିବର୍ତ୍ତନ କରିଛି । ଯାହା ଦ୍ୱାରା ବ୍ୟାଙ୍କ କୌଣସି ଅଗ୍ରିମ ନିବେଶ ନକରି ବ୍ୟବହାର ଅନୁଯାୟୀ ପୈଠ କରେ । ଏହା ଇନ.ବିଲ୍ଟ ପ୍ରଡକ୍ଟ ପ୍ୟାକ୍ଟରି କ୍ଷମତା, ବ୍ୟାଙ୍କକୁ ବଦଳୁଥିବା ପରବେଶରେ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ନୂତନ ସେବା ଉତ୍ପାଦ ଦେବାରେ ସାହାର୍ଯ୍ୟ କରେ । ଏହା ଉନ୍ନତ ଏପିଆଇ ବ୍ୟାଙ୍କକୁ ଓପନ ବ୍ୟାଙ୍କିଙ୍ଗ ବ୍ୟବହାର ଏବଂ ଅନ୍ୟାନ୍ୟ ଆର୍ଥିକ ପ୍ରତିଷ୍ଠାନ ସହ ସହଭାଗିତା ରକ୍ଷା କରିବାରେ ସାହାର୍ଯ୍ୟ କରେ ।

ଏହି ଅବସରରେ ଇନଫୋସିସ୍ ଫିନାକେଲର ବରିଷ୍ଠ ଉପାଧ୍ୟକ୍ଷ ଏବଂ ସେଲ୍ସର ଗ୍ଲୋବାଲ ହେଡ୍, ଭେଙ୍କଟରମନ୍ ଗୋସାଭି କହିଛନ୍ତିଯେ, 'ଆର୍ଥିକ ଅନ୍ତର୍ଭୂକ୍ତିକରଣ ପରିଚାଳନା ଏବଂ ଅର୍ଥନୈତିକ ସମ୍ପ୍ରସାରଣରେ ସହାୟତା କରିବା ପାଇଁ ଗୋଷ୍ଠୀ ସଂପୃକ୍ତି ଏବଂ ବ୍ୟକ୍ତିଗତ ଗ୍ରାହକ ସେବା ସହିତ ସମବାୟ ବ୍ୟାଙ୍କ ଗୁଡ଼ିକ ହେଉଛନ୍ତି ମୁଖ୍ୟ ସୂତ୍ରଧର । ଆମର କ୍ଲାଉଡ଼ ସୁବିଧା ବ୍ୟବସାୟରେ ରୂପାନ୍ତରୀକରଣ ଏବଂ ହେବାକୁଥିବା ସୁବିଧାରେ ନମନୀୟତା ପ୍ରଦାନ କରିବା ପାଇଁ ଏକ ବ୍ୟୟସାପେକ୍ଷ ମାର୍ଗ ପ୍ରଦାନ କରୁଛି । ଆମ୍ଭେମାନେ ଶିବାଲିକ୍ ବ୍ୟାଙ୍କର ବ୍ୟବସାୟ ସହିତ ଅଗ୍ରଣୀ ଇନଫୋସିସ୍ ଫିନାକେଲ ସଲ୍ୟୁସନ୍‌ର ସହବନ୍ଧନକୁ ନେଇ ଅତ୍ୟନ୍ତ ଉତ୍ସାହିତ ।'

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक



Bhubaneswar Monday December 02 ଭୁବନେଶ୍ୱର ସୋମବାର, ଡିସେମ୍ବର ୦୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ସାଓମି ଇଣ୍ଡିଆ ପକ୍ଷରୁ ଏମ୍‌ଆଇ ଏ୩ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଏକ ନମ୍ବର ସ୍ମାର୍ଟଫୋନ୍ ଓ ସ୍ମାର୍ଟ ଟିଭି ବ୍ରାଣ୍ଡ, ସାଓମି ଆଜି ଏମ୍‌ଆଇ ଏ୩ର ଘୋଷଣା କରିଛି, ଯାହା ବିଶ୍ୱର ସର୍ବୋଚ୍ଚ ରିଜୋଲ୍ୟୁସନ୍ କ୍ୟାମେରା ସଟ୍ ଅପ୍ ସହିତ ଆଣ୍ଡ୍ରଏଡ୍ ୱାନ୍ ପାୱାରଯୁକ୍ତ ଫୋନ୍‌ଗୁଡ଼ିକରେ ଅତ୍ୟାଧୁନିକ ସ୍ମାର୍ଟଫୋନ୍। ଏହା ଏମ୍‌ଆଇ ଏ୨ର ଉତ୍ତର ପିଢ଼ି, ଯାହା ପୂର୍ବରୁ ବିଶ୍ୱର ଏକ ନମ୍ବର ଆଣ୍ଡ୍ରଏଡ୍ ୱାନ୍ ସ୍ମାର୍ଟଫୋନ୍ ଭାବରେ ରହିଆସିଛି। ଏମ୍‌ଆଇ ଏ୩ ତିନୋଟି ରଙ୍ଗ କାଇଣ୍ଡ ଅଫ୍ ଗ୍ରେ, ନଟ୍ ଜଷ୍ଟ ବ୍ଲୁ ଓ ମୋର୍ ଦ୍ୟାନ୍ ହ୍ୱାଇଟ୍‌ରେ ଉପଲବ୍ଧ ହେଉଛି। ୪ଜିବି+୬୪ଜିବି ଭ୍ୟାରିଆଣ୍ଟ ମାତ୍ର ୧୨,୯୯୯ ଟଙ୍କାରେ ଓ ୬ଜିବି+୧୨୮ଜିବି ଭ୍ୟାରିଆଣ୍ଟ ମାତ୍ର ୧୫,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ଏମ୍‌ଆଇ ଏ୩ ଅଗଷ୍ଟ ୨୩ ମଧ୍ୟାହ୍ନ ୧୨ରୁ ଏମ୍‌ଆଇ.କମ୍, ଆମାଜୋନ୍ ଓ ଏମ୍‌ଆଇ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେଉଛି। ଏହା ମଧ୍ୟ ଅତିଶୀଘ୍ର ଅଫ୍‌ଲାଇନ୍ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେବ । ଏମ୍‌ଆଇ ଏ୩ ଏମ୍‌ଆଇ ଏ ସିରିଜ୍‌ର ଡିଜାଇନ୍‌ରେ ପରିବର୍ତ୍ତନ ଆଣିଛି। ଫଙ୍କସନାଲ୍ ଦୃଷ୍ଟିକୋଣକୁ ଆଖିରେ ରଖି ଏହା ଏକ ନୂତନ ଡିଜାଇନ୍ ଆଣିଛି, ଯାହା ଏମ୍‌ଆଇ ଏ୨କୁ ଏହି ସେଗ୍‌ମେଣ୍ଟରେ ସର୍ବୋତ୍କୃଷ୍ଟ ଫୋନ୍‌ମାନଙ୍କ ମଧ୍ୟରୁ ଗୋଟିଏ ଭାବେ ପରିଚିତ କରାଇଛି। ୧୨,୯୯୯ ଟଙ୍କାରେ ଆରମ୍ଭ ହେଉଥିବା ଏହି ସ୍ମାର୍ଟଫୋନ୍ କ୍ୱାଲକମ୍ ସ୍ନାପଡ୍ରାଗନ୍ ୬୬୫ ଚିପ୍‌ସେଟ୍, ଏକ ସୁପର୍ ଆମୋଲିଡ୍ ଡିସ୍‌ପ୍ଲେ, ଏକ ବିଶାଳ ୪୦୩୦ ଏମ୍‌ଏଏଚ୍ ବ୍ୟାଟେରୀ, ୪୮ ଏମ୍‌ପି ଟ୍ରିପଲ୍ କ୍ୟାମେରା ସେଟ୍‌ଅପ୍ ଓ ଏକ ଇନ୍‌ସ୍କ୍ରିନ୍ ଫିଙ୍ଗର ସ୍କାନର୍ ଭଳି ବୈଶିଷ୍ଟ୍ୟ ପ୍ରଦାନ କରୁଛି। ପ୍ରତ୍ୟେକ ଏମ୍‌ଆଇ ଏ ସିରିଜ୍ ସ୍ମାର୍ଟଫୋନ୍ ପରି ଏମ୍‌ଆଇ ଏ୩ ମଧ୍ୟ ଗୁଗୁଲ୍‌ର ଆଣ୍ଡ୍ରଏଡ୍ ୱାନ୍ ପ୍ରକଳ୍ପ ଦ୍ୱାରା ପରିଚାଳିତ ଏବଂ ବକ୍ସ ବାହାରେ ଏହା ଆଣ୍ଡ୍ରଏଡ୍ ୯ପାଇକୁ ଚଳାଏ। ରଘୁ ରେଡ୍ଡି, କାଟାଗୋରୀ ଆଣ୍ଡ ଅନ୍‌ଲାଇନ୍ ସେଲ୍ସ ମୁଖ୍ୟ, ସାଓମି ଇଣ୍ଡିଆ ପ୍ରକାଶ କରିଛନ୍ତି, 'ଏମ୍‌ଆଇ ଏ୩ ସହିତ ଆକର୍ଷଣୀୟ ବୈଶିଷ୍ଟ୍ୟମାନ ଥିବା ଆଉ ଏକ ଆଣ୍ଡ୍ରଏଡ୍ ୱାନ୍ ଫୋନ୍‌ର ଶୁଭାରମ୍ଭ କରି ଆମେ ଆମର ଏମ୍‌ଆଇ ପ୍ରଶଂସକମାନଙ୍କୁ ଉତ୍ସାହିତ କରିଛୁ। ଏମ୍‌ଆଇ ଏ୩ର ବିଭିନ୍ନ ଅଭିନବ ବୈଶିଷ୍ଟ୍ୟମାନଙ୍କ ମଧ୍ୟରେ ରହିଛି ଏକ ୪୮ ଏମ୍‌ପି ଆଇଏମ୍ଏକ୍ସ୫୮୬ ସେନ୍ସର୍ ଥିବା ପଛର ଟ୍ରିପଲ୍ କ୍ୟାମେରା।' ଜନ୍ ଗୋଲ୍ଡ, ପାର୍ଟନର୍ ପ୍ରୋଗ୍ରାମ୍ ନିର୍ଦ୍ଦେଶକ, ଗୁଗୁଲ୍ କହିଛନ୍ତି, 'ଏହି ବର୍ଷ ଆଣ୍ଡ୍ରଏଡ୍ ୱାନ୍ ଶୃଙ୍ଖଳରେ ଏକ ବୃହତ୍ ଡିଭାଇସ୍ ସଂଯୋଗ କରିବା ପଇଁ ସାଓମି ସହିତ ଆମର ସହବନ୍ଧିତାକୁ ସଂପ୍ରସାରିତ କରି ଆମେ ଖୁବ୍ ଉତ୍ସାହିତ।' ସେ ଆଉ ମଧ୍ୟ କହିଛନ୍ତି ଯେ, 'ସମସ୍ତ ନୂତନ ଏମ୍‌ଆଇ ଏ୩ ଏକ ଅପ୍-ଟୁ-ଡେଟ୍ ତଥା ସହଜରେ ବ୍ୟବହାର କରିହେଉଥିବା ଏକ ସଫ୍ଟଓୟାର୍ ଅନୁଭୂତି ପ୍ରଦାନ କରିବ, ଯେଉଁଥିରେ ରହିଛି ବ୍ୟବହାରକାରୀଙ୍କୁ ସବୁବେଳେ ସୁରକ୍ଷିତ ରଖୁଥିବା ଇନ୍‌ବିଲ୍ଟ ମାଲ୍‌ୱେୟାର୍ ପ୍ରୋଟେକ୍ସନ୍ ଓ ନିୟମିତ ସିକ୍ୟୁରିଟି ଅପ୍‌ଡେଟ୍।'

## ମଧୁମେହ ଜନିତ ଅନ୍ଧତ୍ୱ ସଚେତନତା

ପୁରୀ: ପୁରୀ ସମୁଦ୍ରକୂଳ ଠାରେ ମଧୁମେହ ଜନିତ ଅନ୍ଧତ୍ୱ ଦୂରିକରଣ ସଂପର୍କରେ ଏକ ସଚେତନତା ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁମେହ ହେଲେ କିପରି ଆଖି ନଷ୍ଟ ହୁଏ ଓ ତାହାର କିପରି ଦୂରୀକରଣ କରାଯିବ, କେଉଁ ଖାଦ୍ୟ ଖାଇବ, କିପରି ଆଖି ଚିକିତ୍ସା କରିବ, ମଧୁମେହ ସଂପର୍କରେ କିପରି ସଚେତନ ହେବ ସେ ସଂପର୍କରେ ଡାକ୍ତରମାନେ ବୁଝାଇବା ସହ ସଚେତନ କରିଥିଲେ। ଚକ୍ଷୁର ଯତ୍ନ କିପରି ନେଲେ ଏହା ଦୀର୍ଘସ୍ଥାୟୀ ହୋଇପାରିବ ସେ ସଂପର୍କରେ ଅଧିକ ପ୍ରଚାରର ଆବଶ୍ୟକତା ରହିଛି । ଏହି ସଚେତନତା ଯାତ୍ରାକୁ ଶ୍ରୀଜଗନ୍ନାଥ ଧାମ ରୋଟାରୀକ୍ଲବ, ଇନରହୁଇଲ କ୍ଲବ, ଭାରତୀୟ ଭେଷଜ ସଂଘ ଦ୍ୱାରା ଆୟୋଜିତ କରାଯାଇଥିଲା। ୱାର୍କସ କ୍ଲବ ପୁରୀ ଏଥିରେ ସହଯୋଗ କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀକ୍ଲବର ସଭାପତି ରୋଟାରୀଆନ୍ ପ୍ରଦୀପ କୁମାର ନାୟକ, ସଭ୍ୟ ଦେବଦତ ଷଡଙ୍ଗୀ, ଦେବରାଜ ପ୍ରଧାନ, ଡାକ୍ତର ବରେନ୍ ପଟ୍ଟନାୟକ, ଇନରହୁଇ କ୍ଲବର ସଭାପତି ଝରଣା ନାୟକ ଓ ସଂପାଦକ ନୀତୁ ଷଡଙ୍ଗୀ, ଡାକ୍ତର ବାମଦେବ ମହାନ୍ତି, ବାନାମ୍ବର ସେନାପତି ପ୍ରମୁଖ ଯୋଗଦେଇଥିଲେ ।

## ଅସହାୟ ୬ ଭଉଣୀଙ୍କୁ ସହାୟତାର ହାତ ବଢ଼ାଇଲା କିସ୍

ଭୁବନେଶ୍ୱର, (ପିଏନ): ସୁନ୍ଦରଗଡ଼ ଜିଲ୍ଲା ବଣେଇ ବ୍ଲକ୍ ସରସରାବଲାଙ୍ଗ ପଞ୍ଚାୟତ ଅନ୍ତର୍ଗତ ସରଗିଡ଼ିହି ଗ୍ରାମର ୬ ଅସହାୟା ଭଉଣୀଙ୍କୁ ସହାୟତାର ହାତ ବଢ଼ାଇଛି କିସ୍ ଫାଉଣ୍ଡେସନ୍। ୫ବର୍ଷ ତଳେ ଗ୍ରାମର ମନବୋଧ କିଷାନଙ୍କ ମୃତ୍ୟୁ ଘଟିବାରୁ ତାଙ୍କର ୬ ଝିଅ ପିତୃହରା ହୋଇପଡ଼ିଥିଲେ। ବିଧବା ମାଆ ଏହି ଝିଅମାନଙ୍କୁ ବହୁ କଷ୍ଟରେ ଲାଳନ ପାଳନ କରୁଥିଲେ। ମାତ୍ର ଗତ ୩ବର୍ଷ ହେଲା ପକ୍ଷାଘାତ ରୋଗରେ ପୀଡ଼ିତ ହୋଇଥିବାରୁ ଏହି ପିଲାମାନଙ୍କ ମୁହଁରେ ଦାନା ଦେବାକୁ ସେ ସଂପୂର୍ଣ୍ଣ ଅକ୍ଷମ ହୋଇପଡ଼ିଛନ୍ତି। ଘରର ପକ୍ଷାଘାତ ରୋଗୀ ମାଆଙ୍କ ସମେତ ଅନ୍ୟ ପାଞ୍ଚ ଭଉଣୀଙ୍କୁ ବଞ୍ଚାଇବା ପାଇଁ ବଡ଼ ଭଉଣୀ ଶୁକମଣୀ ଶେଷରେ ମୂଲ ଲାଗିବାକୁ ବାଧ୍ୟ ହୋଇଥିଲେ। ଗଣମାଧ୍ୟମରୁ ଏହି ଖବର ଜାଣିବା ପରେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଡକାଇଥିଲେ। ରବିବାର କିସ୍ ପ୍ରତିନିଧିଙ୍କ ସହଯୋଗରେ ସ୍ୱର୍ଗତ ମନବୋଧଙ୍କ ଝିଅମାନେ କିସ୍‌ରେ ପହଞ୍ଚିବା ପରେ ଶ୍ରୀ ସାମନ୍ତ ସେମାନଙ୍କ ସଂପର୍କରେ ପଚାରି ବୁଝିଥିଲେ। ସେମାନଙ୍କ ପରିବାରର କିଭଳି ଥଇଥାନ ହୋଇପାରିବ ସେ ନେଇ ଶ୍ରୀ ସାମନ୍ତ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।



ଗାଁଆରେ ଦୁଃଖ କଷ୍ଟ ଓ ଅଭାବ ଅନଟନରେ ରହି ପାଠ ପଢ଼ି ପାରୁ ନ ଥିବା ୪ଝିଅଙ୍କୁ କିସ୍‌ରେ ନାମ ଲେଖାଇ ସେମାନଙ୍କ ଶିକ୍ଷା ଦାୟିତ୍ୱ କିସ୍ ନେବ ବୋଲି ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ସୁମିତା ୮ମ, ଫୁଲତୁଳୀ ୭ମ, ବେବୀ ୪ର୍ଥ ଏବଂ ଦେବିନୀ ଦ୍ୱିତୀୟ ଶ୍ରେଣୀରେ କିସ୍‌ରେ ପାଠ ପଢ଼ିବେ। ବଡ଼ ଝିଅ ମ୍ୟାଟ୍ରିକ୍ ପାସ୍ କରିଥିଲେ ମଧ୍ୟ ସାବାଳିକା ହୋଇନଥିବାରୁ ତାଙ୍କୁ ନିଯୁକ୍ତି ଦେବା ସମ୍ଭବ ହୋଇନଥିବାରୁ ତାଙ୍କ ପରିବାରକୁ କିସ୍ ଫାଉଣ୍ଡେସନ୍ ପକ୍ଷରୁ ମାସିକ ୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। କିସ୍‌ରେ ଉପଯୁକ୍ତ ଶିକ୍ଷା ପାଇଲେ ଝିଅମାନଙ୍କ ଭବିଷ୍ୟତ ଅନ୍ତତଃ ସୁରକ୍ଷିତ ହୋଇପାରିବ ବୋଲି ଶ୍ରୀ ସାମନ୍ତ କହିବା ସହ ସେମାନଙ୍କ ଘର ତିଆରି ପାଇଁ ସ୍ଥାନୀୟ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିବେ ବୋଲି ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଏହା ବ୍ୟତୀତ ଅନ୍ୟ କୌଣସି ସହାୟତା ଆବଶ୍ୟକ ହେଲେ ତୁରନ୍ତ ତାହା କିସ୍ ଫାଉଣ୍ଡେସନ୍ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଛନ୍ତି। ଏଣିକି ବଡ଼ ଭଉଣୀ ଶୁକମଣୀଙ୍କୁ ଅନ୍ତତଃ ମୂଲଲାଗିବାକୁ ପଡ଼ିବ ନାହିଁ। ଏଥିପାଇଁ କିସ୍ ଓ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସ୍ୱର୍ଗତ ମନବୋଧ କିଷାନଙ୍କ ପରିବାର କୃତଜ୍ଞତା ଜଣାଇଛନ୍ତି।

## ନୂତନ ବିଏମଡ଼ବ୍ଲ୍ୟୁ ୩ ସିରିଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍, ବିଶ୍ୱର ସବୁଠାରୁ ଅଗ୍ରଣୀ ଆଇକନିକ ସ୍ପୋର୍ଟସ ସେଦାନର କ୍ଷମତାଶାଳୀ ସପ୍ତମ ଜେନେରେସନ, ଆଜି ଗୁରୁଗ୍ରାମରେ ଥ୍ରିଲ୍ ସିଟିରେ ଶୁଭାରମ୍ଭ କରାଯାଇଛି । ଆଞ୍ଚଳିକ ରୂପେ ବିଏମଡବ୍ଲ୍ୟୁ ଗ୍ରୁପ୍ ପ୍ଲାଣ୍ଟ ଚେନ୍ନାଇରେ ଉତ୍ପାଦିତ ହେଉଥିବା ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାରତରେ ଡ଼ିଜେଲ ଏବଂ ପେଟ୍ରୋଲ ଭାରିଆଣ୍ଟରେ ସମସ୍ତ ବିଏମଡବ୍ଲ୍ୟୁ ଡ଼ିଲରସିପ ଗୁଡ଼ିକରେ ଉପଲବ୍ଧ ହେଉଛି । ଏହି ଅବସରରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର, ସିଇଓ, ଶ୍ରୀଯୁକ୍ତ ରୁଦ୍ରତେଜ୍ ସିଂ କହିଛନ୍ତି ଯେ, 'ବିଏମଡବ୍ଲ୍ୟୁ ୩ ସିରିଜ୍ ଏକ ଅଲ୍ଟିମେଟ ସ୍ପୋର୍ଟସ ସେଦାନ୍ ହିସାବରେ ଚାରି ବର୍ଷରୁ ଅଧିକ ଦସନ୍ଧିଧରି ସିୟର ଡ୍ରାଇଭିଂ ପ୍ଲେଜର ରହିଆସିଛି । ଏହାର ନୂତନ ବୈଶିଷ୍ଟ୍ୟ ସହ ଏହି ୩ ପୁଣିଥରେ ନିଜକୁ ପ୍ରମାଣିତ କରିପାରଛି ! ନୂତନ ଡ଼ିଜାଇନ, ଅଧିକ ସ୍ଥାନ, ଉନ୍ନତ ଆଭ୍ୟ'ର ଏବଂ ଏପରିକି ପରିଚାଳନା ଏହାକୁ ଅଧିକ ଉତ୍କୃଷ୍ଟ କରିପାରଛି । ରୋମାଞ୍ଚକ ଅନୁଭୂତି ପାଇଁ ପ୍ରସ୍ତୁତ ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଚାଳକ କୈନ୍ଦ୍ରିକ ଜ୍ଞାନକୌଶଳରେ ସମୃଦ୍ଧ ଯାହାକି ଅତୂଳନୀୟ ଚାଳନା ଅନୁଭୂତି ପ୍ରଦାନ କରେ ଏବଂ ଏଥିରେ ଥିବା ଅଟୋମୋବାଇଲ ରାସ୍ତାର ପ୍ରତ୍ୟକ୍ଷ ଘଟଣାର ସୂଚନା ପ୍ରଦାନ କରେ । ଶୁଭାରମ୍ଭ ପାଇଁ ସ୍ୱତନ୍ତ୍ର ରୂପେ ତିଆରି ହୋଇଥିବା ଉକ୍ତ ଗାଡ଼ି ଉଚ୍ଚ ସହରୀକରଣ, ଉନ୍ନତ ଏବଂ ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍‌ର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛି ।'ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଦୁଇଟି ଡ଼ିଜେଲ ଭାରିଆଣ୍ଟରେ ଶୋରୁମ ମୂଲ୍ୟ ଯଥାକ୍ରମେ ବିଏମଡବ୍ଲ୍ୟୁ ୩୨୦ଡି ସ୍ପୋର୍ଟ ମାତ୍ର ୪୧,୪୦,୦୦୦ ଟଙ୍କାରେ ଏବଂ ବିଏମଡବ୍ଲ୍ୟୁ ୩୨୦ଡି ଲକ୍ସୁରୀ ଲାଇନ୍ ମାତ୍ର ୪୬,୯୦,୦୦୦ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ ଏହାର ପେଟ୍ରୋଲ ଭାରିଆଣ୍ଟ ବିଏମଡବ୍ଲ୍ୟୁ ୩୩୦ଆଇ ସ୍ପୋର୍ଟର ଶୋରୁମ ମୂଲ୍ୟ ଯଥାକ୍ରମେ ୪୭,୯୦,୦୦୦ଟଙ୍କା ରହିଛି ଯାହାକି ଆଞ୍ଚଳିକ ରୂପେ ଉତ୍ପାଦିତ ହେଉଛି ।

## ବାଟଲା ହାଉସ୍ ଏବଂ ସୁପର ୩୦ର ଅଭିନେତ୍ରୀ ମୃଣାଲ ଠାକୁର ନିଜ ଫିଟ୍‌ନେସ୍‌ର ଶ୍ରେୟ ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମଙ୍କୁ ଦେଇଛନ୍ତି

ଭୁବନେଶ୍ୱର : ସୁନ୍ଦରୀ ଅଭିନେତ୍ରୀ ମୃଣାଲ ଠାକୁର ଯିଏକି ବାଟଲା ହାଉସ୍ ଏବଂ ସୁପର ୩୦ ହିନ୍ଦି ଚଳଚିତ୍ର ମାଧ୍ୟମରେ ସଫଳତାର ଶୀର୍ଷରେ ପହଂଚିଛନ୍ତି । ନିଜର ଅଭିନୟ କୌଶଳ ଏବଂ ନିଖୁଣ ତ୍ୱଚା ପାଇଁ ପ୍ରଶଂସାର ପାତ୍ରି ହୋଇଛନ୍ତି । ଟାଟା ସ୍କାଏ ଫିଟ୍‌ନେସ୍ ର ଫିଟ ଏବଂ ଫେମସ ଚାଟ୍ ସୋ ରେ ମୃଣାଲ ଠାକୁର ନିଜର ଫିଟନେସର ସିକ୍ରେଟ ବିଷୟରେ ସୁଚନା ଦେଇଛନ୍ତି ଏବଂ କିଭଳି ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମ ତାଙ୍କ ପରି ଦୀର୍ଘମିଆଦି ସ୍ୱାସ୍ଥ୍ୟ କୁ ଆପଣେଇବା ପାଇଁ ପରାମର୍ଶ ଦେଇଛନ୍ତି । ନିଜର ଫିଟନେସ ବିଷୟରେ ସୁଚନା ଦେଇ ମୃଣାଲ ଠାକୁର କହିଛନ୍ତି ଯେ ସୁଟିଙ୍ଗ ସେଟରେ ବ୍ୟସ୍ତ ଥାଇ ମଧ୍ୟ ସେ କିଭଳି ନିଜର ଖାଦ୍ୟ ପେୟରେ ସଂନ୍ତୁଳନ ରକ୍ଷା କରନ୍ତି ଏବଂ ସେ ଆହୁରି ମଧ୍ୟ କହିଛନ୍ତି ଯେ ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମ ଦୁଇଜଣ ଗୋଟିଏ ମନ୍ତ୍ର କୁ ପାଳନ କରିଥାନ୍ତି- ଖାଦ୍ୟପେୟ ଫିଟନେସର ମୁଖ୍ୟ ଆବଶ୍ୟକୀୟ ଅଂଶ ଅଟେ । ସେ ମଧ୍ୟ ସୁଟିଙ୍ଗ ସେଟରେ ଜାଣିବାକୁ ପାଇଲେ ହ୍ରିତିକ ରୋଶନ ନିଜର ଫିଟନେସ ପାଇଁ ଖୁବ ସମର୍ପିତ ସୁପର ୩୦ରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ୭କେଜି ଓଜନ କମାଇବାର ଥିଲା ଏବଂ ସେଥିପାଇଁ ସେ ସିଝା ବ୍ରୋକୋଲି ଏବଂ ଚିକେନ ବିନା ଲୁଣରେ ଖାଉଥିଲେ । ଯେତେବେଳେ ସେ ଟାଇମ ପାଉଥିଲେ ସଙ୍ଗେ ସଙ୍ଗେ ସେ ଜିମ୍‌ରେ ଯୋଗ ଦେଉଥିଲେ । ତାଙ୍କର ନିଜର ଫିଟନେସ ପ୍ରତି ସମର୍ପଣ, ମତେ ବେଶ୍ ପ୍ରଭାବିତ କରିଥିଲା ତାଙ୍କ ପରି ହେବାକୁ । ଏହା ଛଡା ମୃଣାଲ ଠାକୁର ଆହୁରି ମଧ୍ୟ କହିଛନ୍ତି ବାଟଲା ହାଉସ୍ ରେ ନିଜର ସହଯୋଗୀ ଷ୍ଟାର ଜନ୍ ଆବ୍ରାହମ ସବୁବେଳେ ସୁଟିଙ୍ଗ ସେଟରେ ବହୁତ ଗୁଡିଏ ଫିଟନେସ ଟିପସ୍ ଦେଇଥାନ୍ତି । ଏହି ଦୁଇ ଜଣ ଙ୍କ ଠାରୁ ଫିଟନେସ୍ ବାବଦରେ ଏକ ଗୁରୁତ୍ୱପୂର୍ଣ୍ଣ ଟିପସ୍ ପାଇଲି ଯେ ଫିଟନେସ ପାଇଁ ସବୁବେଳେ ଭଲ ଏବଂ ସୁଷମ ଖାଦ୍ୟ ଖାଇବା ଜରୁରି ଅଟେ । ଆସନ୍ତା ୧ ସେପ୍ଟେମ୍ବର ୨୦୧୯ ରେ ମୃଣାଲ ଠାକୁର ଙ୍କ ଇଂଟରଭ୍ୟୁ ଟାଟା ସ୍କାଏ ଫିଟନେସ ସେସନରେ ପ୍ରସାରିତ ହେବ । ଏହାଛଡା ଟାଟା ସ୍କାଏ ମୋବାଇଲ ଆପ ମାଧ୍ୟମରେ ମଧ୍ୟ କୌଣସି ଠାରେ କୌଣସି ସମୟରେ ଫିଟନେସ ବାବଦରେ ତଥ୍ୟ ପାଇପାରିବେ ।

## କର୍ଣ୍ଣାଟକ ରେଟିଂ ଫ୍ରେମୱାର୍କର ଶୀର୍ଷରେ ମଣିପାଲ ଏକାଡେମୀ ଅଫ ହାୟର ଏଜୁକେଶନ

ଭୁବନେଶ୍ୱର : ମଣିପାଲ ଏକାଡେମୀ ଅଫ ହାୟର ଏଜୁକେଶନ କର୍ଣ୍ଣାଟକ ର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ରୁପେ କର୍ଣ୍ଣାଟକ ରେଟିଂ ଫ୍ରେମୱାର୍କ ୨୦୧୮-୧୯ ଦ୍ୱାରା ଯୋଗ୍ୟ ବିବେଚିତ ହୋଇଛି । ଏହି ସମ୍ମାନ ଦ୍ୱିତୀୟ ଥର ପାଇଁ ମଣିପାଲ ଏକାଡେମୀ କୁ ମିଳିଛି । ମଣିପାଲ ଏକାଡେମୀ ର ପ୍ରୋ ଚାନସେଲର ଡଃ ଏଚ ଏସ ବଲ୍ଲାଲ ଓ ଗୁଣବତା ନିର୍ଦ୍ଦେଶକ ଡଃ କ୍ରିଷ୍ଟୋଫର ସୁଧାକର ଏକ ସମାରୋହରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଡଃ ସି ଅଶ୍ୱଥ ନାରାୟଣ ଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ବାଙ୍ଗାଲୁରୁ ଠାରେ ଉଚ୍ଚଶିକ୍ଷା ବିଭାଗ ଓ କର୍ଣ୍ଣାଟକ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ମଙ୍ଗଳବାର ଦିନ ଏହି ରେଟିଂ ପ୍ରକାଶ କରାଯାଇଥିଲା । ଏମ୍‌ଏଏଚ୍‌ଇ ୧୦୦୦ରୁ ୮୪୧ ସ୍କୋର ପାଇଛି । ଏହି ରେଟିଂରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ମାନଙ୍କ ବ୍ୟାପକ ମୁଲ୍ୟାୟନ କରାଯାଇଛି । ଏଥିରେ ରାଜ୍ୟ ପ୍ରାଇଭେଟ ଓ ଡିମଡ୍ ବିଶ୍ୱବିଦ୍ୟାଳୟ ସାମିଲ ।ଏହି ସର୍ଭେ ଇଣ୍ଡିଆନ ସେଂଟର ରେ ଏକାଡେମିକ ଏକ୍ସେଲେନ୍ସ ର



ଅନୁସନ୍ଧାନଓ ବିଶ୍ଳେଷଣ ବିଭାଗ ଦ୍ୱାରା କରାଯାଇଛି । ପ୍ରୋ ଚାନସେଲର ଡଃ ବଲ୍ଲାଲ କହିଛନ୍ତି, 'ଏମ୍‌ଏଏଚ୍‌ଇ ସବୁ ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରେ ଶୀର୍ଷରେ ଥିବାରୁ ଏବଂ ୫ଟି ତାରକା ପାଇଥିବାରୁ ଆମେ ଗର୍ବିତ । ଆମକୁ ଏହି ସ୍ଥାନ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକ ଙ୍କୁ କଠିନ ପରିଶ୍ରମ କରିବାକୁ ହେବ ।' ଏନ୍‌ଆଇଆରଏଫ୍ ର୍ୟାଙ୍କିଂ ଢାଂଚାରେ କର୍ଣ୍ଣାଟକ ଷ୍ଟେଟ ୟୁନିଭର୍ସିଟି ରେଟିଂ ଫ୍ରେମୱାର୍କ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ଗୁଣବତା ମୁଲ୍ୟାଙ୍କନ କରିଥାଏ । ଏନ୍‌ଆଇଆରଏଫ୍ ରାଷ୍ଟ୍ରୀୟ ର୍ୟାଙ୍କିଂ ରେ ମଣିପାଲ ଏକାଡେମୀ କୁ ୯ମ ସ୍ଥାନ ମିଳିଥିଲା । ଏକାଧିକ ଅନ୍ୟ ର୍ୟାଙ୍କିଂ ଏଜେନ୍ସି ମଧ୍ୟ ୨୦୧୯ ରେ ପ୍ରସ୍ତୁତ ସର୍ଭେ ଅନୁସାରେ ମଣିପାଲ ଏକାଡେମୀ କୁ ୪ର୍ଥ ଥର ପାଇଁ ଦେଶର ଶ୍ରେଷ୍ଠ ପ୍ରାଇଭେଟ୍ ବିଶ୍ୱବିଦ୍ୟାଳୟ ବିବେଚନା କରିଛନ୍ତି । ଟାଇମସ୍ ହାୟର ଏଜୁକେଶନ ୱାର୍ଲ୍ଡ ୟୁନିଭର୍ସିଟି ର୍ୟାଙ୍କିଂ ଏବଂ କ୍ୟୁଏସ ସର୍ଭେ ଦ୍ୱାରା ଏହି ବିଶ୍ୱବିଦ୍ୟାଳୟ ଉଚ୍ଚ ପ୍ରଶଂସିତ ହୋଇଛି ।

## ସାମ୍ବିଧାନିକ ନୀତି-ଉଲ୍ଲଂଘନକାରୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ "ମହାଅଭିଯୋଗ ପ୍ରସ୍ତାବ" ମାଧ୍ୟମରେ କ୍ଷମତାଚ୍ୟୁତ କରାଯାଉ :ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ

ଭୁବନେଶ୍ୱର (ପିଏନ): ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ ପକ୍ଷରୁ ୭୧ତମ "ସମ୍ବିଧାନ ଦିବସ" ଇତି ମଧ୍ୟରେ ପାର୍ଟିର ସଦର କାର୍ଯ୍ୟାଳୟ ସ୍ଥାନୀୟ ଧର୍ମବିହାର ସ୍ଥିତ କୋପରନିକସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି । ପାର୍ଟି ସଭାପତି ଡ଼. ବିଜୟାନନ୍ଦ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦଳର ସାଧାରଣ ସଂପାଦକ ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର ସମ୍ବିଧାନ ଦିବସ "ନଭେମ୍ବର ୨୬" ଉପରେ ଆଲୋକପାତ କରିବାକୁ ଯାଇ କହିଲେ ଯେ: ଭାରତ ସମ୍ବିଧାନରେ ବ୍ୟକ୍ତିମର୍ଯ୍ୟଦା, ବାକ୍ ସ୍ୱାଧୀନତା, ସମତା, ସାମାଜିକ ନ୍ୟାୟ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟର ବ୍ୟବସ୍ଥା ଭରି ରହିଛି । ଏହି ସମ୍ବିଧାନ ନିର୍ମାଣ କରିବା କାର୍ଯ୍ୟ ୧୯୪୬ ମସିହା ଡ଼ିସେମ୍ବର ୯ ତାରିଖରେ ଆରମ୍ଭ ହୋଇ ୧୯୪୯ ନଭେମ୍ବର ୨୬ରେ ସମାପ୍ତ ହୋଇଥିଲା । ସେଥିପାଇଁ ନଭେମ୍ବର ୨୬କୁ "ସମ୍ବିଧାନ ଦିବସ"ରୂପେ ପାଳନ କରାଯାଉଛି । ମାତ୍ର ଦୁଃଖ ଓ ଲଜ୍ଜ୍ୟାର ବିଷୟ ଏହି ଯେ ଏହା ଭିତରେ ୭୦ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ସାମ୍ବିଧାନିକ ପଦ ପଦବୀରେ ରହୁଥିବା ବ୍ୟକ୍ତି ବିଶେଷଙ୍କର ସେପରି ଆର୍ଦଶ ସ୍ଥାନୀୟ ବ୍ୟକ୍ତିତ୍ୱ ଦେଖିବାକୁ ମିଳୁ ନାହିଁ । ମହାରାଷ୍ଟ୍ରର ସଂପ୍ରତିକ ରାଜନୈତିକ ହଟଚମଟ ଘଟଣା ଉପରେ ଆଲୋଚନା କରବାକୁ ଯାଇ ଭୋଲଟେୟାର ଦର୍ଶାଇ ଥିଲେ ଯେ, ଦେଶର ରାଷ୍ଟ୍ରପତି ମାନ୍ୟବର ରାମନାଥ କୋବିନ୍ଦ ନିଜକୁ ଅତ୍ୟନ୍ତ ଅବାଞ୍ଛନୀୟ ସ୍ତରକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତରେ ନଭେମ୍ବର ୨୨ ତରିଖ ରାତି ୫ଟା ୪୭ ମିନିଟ୍‌ରେ ମାହାରାଷ୍ଟ୍ରରୁ ରାଷ୍ଟ୍ରପତି ଶାସନ ଉଠାଇ ନେଇଥିଲେ । ତାଙ୍କ ଦ୍ୱାରା ନିଯୁକ୍ତ ମହାରାଷ୍ଟ୍ରର ରାଜ୍ୟପାଳ ଶ୍ରୀ ଭଗତ ସିଂହ କୋସିଆରି ଭୋର ସକାଳ ସାତଟା ୨୫ ମିନିଟ୍‌ରେ ନିଜ ପାଖରେ ସଂଖ୍ୟା ଗରିଷ୍ଠତାର ବଳିଷ୍ଠ ପ୍ରମାଣ ନଥିବା ସତ୍ତ୍ୱେ ବିଜେପି ନେତା ଦେବେନ୍ଦ୍ର ଫଡ଼ନାଭିସଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଦେଇଥିଲେ । ଏଥିସହିତ ୭୦ ହଜାର କୋଟି ଟଙ୍କାର ଜଳସେଚନ ଦୁର୍ନୀତିରେ ଛନ୍ଦି ହୋଇ ଥିବା ଏନ୍‌ସିପି ନେତା ଅଜିତ୍ ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ ଶପଥ ଦିଆଇଥିଲେ । ଏହି ସରକାର ସୁପ୍ରିମକୋର୍ଟର ଅର୍ଡ଼ର ଜାରି ହେବା ପରେ ପରେ ଇସ୍ତଫା ଦେବାକୁ ବାଧ୍ୟ ହୋଇଥିଲା । ସମ୍ବିଧାନର ଧାରା ୬୦ ଅନୁଯାୟୀ ରାଷ୍ଟ୍ରପତିଙ୍କର ମୌଳିକ କାର୍ଯ୍ୟ ହେଉଛି ଭାରତ ସମ୍ବିଧାନକୁ ସୁସଂହତ ଓ ସୁରକ୍ଷିତ କରି ସମ୍ମାନୀୟ ସ୍ତରରେ ରଖିବା । ଅର୍ଥାତ୍ ଭାରତକୁ ବିଦେଶ ଆକ୍ରମଣରୁ ରକ୍ଷା କରିବା, ଦେଶକୁ ଟୁକୁରା ଟୁକୁରା କରିବାକୁ ନଦେବା ଏବଂ ସାମ୍ବିଧାନିକ ବ୍ୟବସ୍ଥା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ଯେଉଁ ବ୍ୟବସ୍ଥା ରହିଛି ତଦନୁଯାୟୀ କାର୍ଯ୍ୟ କରିବା । ଇଂରାଜୀରେ ଯେଉଁ ଭାଷା ରହିଛି ତାହା ହେଲା : "ଟୁ ପ୍ରିଜର୍ଭ , ପ୍ରୋଟେକ୍ଟ ଏଣ୍ଡ୍ ଡ଼ିଫେଣ୍ଡ୍"_ । ଏଥିପ୍ରତି ସାମାନ୍ୟତମ ସମ୍ମାନ ନଜଣାଇ ରାଷ୍ଟ୍ରପତି କୋବିନ୍ଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇଂଗିତାନୁଯାୟୀ କାର୍ଯ୍ୟ କରିଛନ୍ତି । ସେ ନିଜର ଗାରିମା ହରାଇଛନ୍ତି । ତାଙ୍କର ଇସ୍ତଫା ଦେବା କଥା । ମାତ୍ର ସେ ତାହା କରି ନାହାନ୍ତି । ତେଣୁ ତାଙ୍କୁ ଇମ୍ପିଚ୍‌ମେଣ୍ଟ ମାଧ୍ୟମରେ ଗାଦିଚ୍ୟୁତ କରିବା ଦରକାର ବୋଲି ଭୋଲ୍‌ଟେୟାର ଦୃଢ଼ଯୁକ୍ତି ଉପସ୍ଥାପିତ କରିଥିଲେ । ଚରମ ଦାରିଦ୍ର୍ୟ ମଧ୍ୟରେ ସନ୍ତୁଳିତ ହେଉଥିବା ରାଜ୍ୟର ଅନେକ ଗରିବ ଲୋକେ ଦେଶର ଅନ୍ୟାନ୍ୟ ରାଜ୍ୟରେ ଯାଇ ଗୋତି ଶ୍ରମିକ ଭାବେ ଖଟୁଛନ୍ତି । ସବୁ ପିଲାଙ୍କ ପାଇଁ ଉନ୍ନତମାନର ଇଂରାଜୀ ମାଧ୍ୟମ ଶିକ୍ଷାର ବ୍ୟବସ୍ଥା ନାହିଁ । ସହରାଅଞ୍ଚଳରେ ରହୁଥିବା ଦରିଦ୍ର ପରିବାରର ଲକ୍ଷ ଲକ୍ଷ ଲୋକେ ସ୍ଲମ୍ ଏରିଆରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଛନ୍ତି । ରାଜ୍ୟର ବିଧାନସଭା ବର୍ଷକ ମଧ୍ୟରେ ୬୦ ଦିନ ବସୁନଥିବା ବେଳେ ଓଡ଼ିଶା ପାଇଁ ବିଧାନ ପରିଷଦର କୌଣସି ଆବଶ୍ୟକତା ନାହିଁ । କେବଳ କିଛି ଚାଟୁକାର ତୋଷାମଦକାରୀ ତଥା-କଥିତ ବୁଦ୍ଧିଜୀବୀଙ୍କୁ ଥଇଥାନ କରିବା ପାଇଁ ଏବଂ ରାଜକୋଷରୁ ଅଜସ୍ର ପଇସା ନଷ୍ଟ କରିବା ପାଇଁ ଏହା ବିଜେଡ଼ିର ଏକ ନୈତିକତାବିହୀନ ଉଦ୍ୟମ ବୋଲି ଭୋଲଟେୟାର ଦର୍ଶାଇଥିଲେ । ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୂର୍ବତନ ବିଧାୟକ ଆଡ଼ଭୋକେଟ୍ ଶରତ ଚନ୍ଦ୍ର ମିଶ୍ର କହିଥିଲେ ଯେ: ଦେଶର ଲୋକସଭା ଓ ବିଧାନସଭା ଗୁଡ଼ିକରେ ଜନମତର ବାସ୍ତବ ପ୍ରତିଫଳନ ଘଟୁନାହିଁ । ଏଥି ପାଇଁ ଜର୍ମାନୀ, ନ୍ୟୁଜ୍‌ଲାଣ୍ଡ ଓ ନେପାଳ ଭଳି ରାଷ୍ଟ୍ରରେ ଯେଉଁ ମିଶ୍ରିତ ଆନୁପାତିକ ପ୍ରତିନିଧିତ୍ୱର ବ୍ୟବସ୍ଥା ରହିଛି ତାହା ଭାରତରେ ଲାଗୁହେବା ନିହାତି ଦରକାର । ମୁକ୍ତଚିନ୍ତନବାଦୀ "ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ"ର ଉପସଭାପତି ହରିଶ୍ଚନ୍ଦ୍ର କର ଭାରତ ରାଜନୈତିକ ବ୍ୟବସ୍ଥାରୁ ଘୋଡ଼ା ବେପାର ହଟାଇବା ପାଇଁ ତାଙ୍କର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ଜର୍ମାନୀରେ ଯେପରି ନିର୍ବାଚନ ପରେ ପରେ ଲୋକପ୍ରତିନିଧିମାନେ ଶପଥ ନେବା ସହିତ ଗୃହର ନେତା ନିର୍ବାଚନ କରନ୍ତି ଏବଂ ସେମାନଙ୍କ ଦ୍ୱାରା ନିର୍ବାଚିତ ନେତାଙ୍କୁ ଜର୍ମାନୀର ରାଷ୍ଟ୍ରପତି ଦେଶର ଚ୍ୟାନସେଲ୍‌ର ବା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଦିଅନ୍ତି । ଭାରତରେ ଏହି ନୀତି ଅନୁସୃତ ହେଲେ କୌଣସି ଦଳର ବିଧାୟକମାନଙ୍କୁ ପଞ୍ଚତାରକା ହୋଟେଲ୍‌ରେ ଲୁଚାଇ ରଖିବାକୁ ପଡ଼ିବ ନାହିଁ । ଉତ୍ସବର ଅଧ୍ୟକ୍ଷ ଡ଼. ବିଜୟାନନ୍ଦ କର କହିଥିଲେ ଯେ ଓଡ଼ିଶା ପାଇଁ ବିଧାନ ପରିଷଦ ସଂପୂର୍ଣ୍ଣ ଅନାବଶ୍ୟକ । ଦେଶର ରାଷ୍ଟ୍ରପତି ତାଙ୍କ ଦାୟିତ୍ୱ ତୁଲାଇବାରେ ଖିଲାପ କରିଥିବାରୁ ତାଙ୍କ ବିରୁଦ୍ଧରେ ମହାଅଭିଯୋଗ ଅଣାଯିବାର ଆବଶ୍ୟକତା ରହିଛି । ଧନ୍ୟବାଦ ପ୍ରସ୍ତାବ ଆଗତ କଲାବେଳେ ଆମୋଫୋଇ କୋ-ଫାଉଣ୍ଡର ମ୍ୟାଡ଼ାମ୍ ସ୍ୱପ୍ନା ବିଜୟିନୀ କହିଥିଲେ ଯେ ଭାରତର ରାଜନୈତିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ଜର୍ମାନୀ ଢ଼ାଞ୍ଚାରେ ଭାରତରେ ନିର୍ବାଚନ କରାଯାଉ ଏବଂ ସେଠାକାର ବିଧି ବ୍ୟବସ୍ଥା ଅନୁଯାୟୀ ମନ୍ତ୍ରୀମଣ୍ଡଳ ଗଠିତ ହେଉ । ରାଷ୍ଟ୍ରପତି କୌଣସି ହାଲତରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ନତମସ୍ତକ ହୋଇ କାର୍ଯ୍ୟକରିବା ଆଦୌ ବାଞ୍ଛନୀୟ ନୁହେଁ ।




## ଡା. ଏସ୍ ସି ଦାଶ ସମ୍ମାନୀତ

ଭୁବନେଶ୍ୱର: କିମ୍‌ସର ପ୍ରଫେସର ଏମିରେଟସ୍ ତଥା ଖ୍ୟାତି ସଂପନ୍ନ ଯକୃତ ବିଶେଷଜ୍ଞ ଡା. ସୁରେଶ ଚନ୍ଦ୍ର ଦାଶଙ୍କୁ ଫେଲୋ ଅଫ୍ ଦି ଇଣ୍ଡିଆନ୍ ସୋସାଇଟି ଅଫ୍ ଟ୍ରାନ୍‌ପ୍ଲାଣ୍ଟେସନ୍ (ଫିସଟ୍) ସମ୍ମାନରେ ସମ୍ମାନୀତ କରାଯାଇଛି। ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସିଆନ୍ ସୋସାଇଟି ଅଫ୍ ଟ୍ରାନ୍‌ସପ୍ଲାଣ୍ଟେସନ୍ (କାଷ୍ଟ-୨୦୧୯) ଅବସରରେ ଡା ଦାଶଙ୍କୁ ସମ୍ମାନୀତ କରାଯାଇଛି। ଏମ୍‌ସ ଓ ଆମେରିକାରେ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା, ଗବେଷଣା ଏବଂ ବୈଜ୍ଞାନିକ ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ତାଙ୍କୁ ଏହି



ସମ୍ମାନ ପ୍ରଦାନ କରାଯାଇଛି। ଡା. ଦାଶ ସଂପ୍ରତି କିମ୍‌ସର ପ୍ରଫେସର ଏମିରେଟସ୍ ତଥା ନେଫ୍ରୋଲୋଜି, ଡାୟାଲିସିସ୍ ଏବଂ ଟ୍ରାନ୍‌ପ୍ଲାଣ୍ଟେସନ୍ ବିଭାଗର ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ। ଡା ଦାଶ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ କି ନେପାଳର କାଠମାଣ୍ଡୁସ୍ଥିତ ବୀର ହସ୍‌ପିଟାଲ୍‌ରେ ହେମୋଡାୟାଲିସିସ୍ ସେଣ୍ଟର ଆରମ୍ଭ କରିଥିଲେ। ଏଥି ପାଇଁ ତାଙ୍କ ନେପାଳଗୌରବ ସମ୍ମାନରେ ମଧ୍ୟ ସମ୍ମାନୀତ କରାଯାଇଛି।

## ଗୋପପୁର ଗୁଣିଆଙ୍କୁ ନିର୍ଯାତନା ମାମଲା

ଗଞ୍ଜାମ:ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୋପପୁର ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ବିବେଚିତ ୬ ଜଣ ଗୁଣିଆଙ୍କୁ ନିର୍ଯାତନା ଓ ଆକ୍ରମଣ ଅଭିଯୋଗରେ ଆଜି ଆଉ ୫ ଜଣଙ୍କୁ ଗିରଫ କରିଛି ପୋଲିସ । ଫଳରେ ମାମଲାରେ ଗିରଫଦାରୀ ସଂଖ୍ୟା ୩୪ ରେ ପହଂଚିଛି । ସୂଚନା ମୁତାବକ, ଗତ ୩୦ ତାରିଖରେ ଏହି ଗ୍ରାମର ହରି ନାହାକ, ସନ୍ୟା ନାହାକ, ରଙ୍କ ନାହାକ, ଦୁର୍ଯ୍ୟ ନାହାକ, ଯୋଗୀ ନାହାକ, ଯୋଗିନ୍ଦ୍ର ନାହାକଙ୍କୁ ଗୁଣି କରୁଥିବା ଅଭିଯୋଗରେ ଗ୍ରାମବାସୀ ସ୍ୱଷ୍ଟ ଦିବା ଲୋକରେ ସଂଘବଦ୍ଧ ଭାବେ ଆସି ଗାଁ ଦାଣ୍ଡରେ ନିଷ୍ଠୁର ମାଡ଼ ମାରିବା ସହ ସେମାନଙ୍କର ଦାନ୍ତ ଭାଙ୍ଗି ବିଷ୍ଠା ଖୁଆଇଥିଲେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray